୨୬ ବର୍ଷରେ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Vol.26 . No.24 Bhubaneswar Wednesday February 28 2024 | ୨୬ତମ ବର୍ଷ ସଂଖ୍ୟା-୨୪ ଭୁବନେଶ୍ୱର, ବୁଧବାର, ଫେବୃଆରୀ ୨୮, ୨୦୨୪ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹1.50 | (Air Surcharge - 0.50P) | Member-INS

## ମହିଳା ଭୋଟର ତୁଷ୍ଟୀକରଣ: ଏଣିକି ଏସଏଚ୍‌ଜିଗୁଡ଼ିକୁ ୫ଲକ୍ଷ ନୁହେଁ, ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମିଳିବ ବିନା ସୁଧରେ ଋଣ



ଭୁବନେଶ୍ୱର,୨୭।୨(ପି.ଏନ): ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ବିଜେଡି ସରକାର ନିଜର ମହିଳା ଭୋଟବ୍ୟାଙ୍କକୁ ସୁରକ୍ଷିତ ରଖିବା ପାଇଁ ଯୋଜନାର ବର୍ଷା କରିବାରେ ଲାଗିଛି । ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ(ଏସଏଚ୍‌ଜି)ଙ୍କୁ ଏଣିକି ୫ଲକ୍ଷ ଟଙ୍କା ନୁହେଁ ବରଂ ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ଋଣ ମିଳିବ । ଖୁବଶୀଘ୍ର ମିଶନ ଶକ୍ତି କମ୍ୟୁନିଟି ସର୍ପ ?ାଟ ଷ୍ଟାଫ ଓ ଫେଡେରେସନ ଲିଡରମାନଙ୍କ ପାରିଶ୍ରମିକକୁ ରାଜ୍ୟ ସରକାର ବୃଦ୍ଧି କରିବେ । ଏଭଳି ସଙ୍କ ?ତ ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦେଇଛନ୍ତି । ଚଳିତମାସରେ ରାଜ୍ୟର ୭୦ଲକ୍ଷ ମହିଳା ଏସଏଚ୍‌ଜି ସଦସ୍ୟାଙ୍କୁ ୟୁନିଫର୍ମ ବାବଦରେ ଏକ ହଜାର ଟଙ୍କା ଓ ଇସି ମେମ୍ବରମାନଙ୍କୁ ଅତିରିକ୍ତ ୨ହଜାର ଟଙ୍କା ବ୍ଲେଜର ନିମନ୍ତେ ଦେବାକୁ ସରକାର ଘୋଷଣା କରିଥିଲେ ।ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଭୁବନେଶ୍ୱରସ୍ଥିତ ଲୋକସେବା ଭବନ କନଭେନସନ ସେଂଟରଠାରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟର ୭୦ଲକ୍ଷ ସ୍ୱୟଂ ସହାୟକ ଗୋଷ୍ଠୀ ମା'ମାନଙ୍କ ପାଇଁ ବିନା ସୁଧରେ ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମିଶନ ଶକ୍ତି ଋଣ ବ୍ୟବସ୍ଥା, ମିଶନ ଶକ୍ତି ମା'ମାନଙ୍କ ପାଇଁ ୟୁନିଫର୍ମ ଓ ବ୍ଲେଜର ସହାୟତା ଏବଂ ୧୪୫ କୋଟି ଟଙ୍କାର ସୁଧ ଫେରସ୍ତ ବ୍ୟବସ୍ଥାର ଶୁଭାରମ୍ଭ କରିଛନ୍ତି । ମା'ମାନଙ୍କ ସମ୍ମାନ ଓ ଉନ୍ନତି ପାଇଁ ତାଙ୍କ ସରକାର ନିରନ୍ତର ଭାବେ କାମ କରିଚାଲିଛି । ମିଶନ ଶକ୍ତି ମା'ମାନଙ୍କୁ ୮ହଜାର କୋଟି ଟଙ୍କାର ସରକାରୀ ବିଜିନେସ୍ ସହାୟତା ଯୋଗାଇ ଦିଆଯାଇଛି। ମା'ମାନେ ଏବେ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମରେ ଭାଗିଦାରୀ ହୋଇଛନ୍ତି । ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଦୁବାଇ ଓ ସିଙ୍ଗାପୁର ଏକ୍ସପୋଜର ଭିଜିଟରେ ଯାଉଛନ୍ତି ଓ ଆଗକୁ ଅଧିକ ସଂଖ୍ୟକ ମହିଳା ବିଦେଶ ଯିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

## ଓଡିଶା ଆସୁଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଆଜି ହେବ କାରକେଡ୍ ରିହର୍ସଲ



ଭୁବନେଶ୍ୱର,୨୭।୨(ପି.ଏନ): ଓଡିଶା ଆସୁଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ବୁଧବାର ବାୟୁସେନାର ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ଓଡିଶା ଆସିବେ ମହାମହିମ । ରାଷ୍ଟ୍ରପତିଙ୍କ ୪ ଦିନିଆ ଓଡିଶା ଗସ୍ତକୁ ଦୃଷ୍ଟିରେ ରଖି କମିଶନରେଟ ପୋଲିସ ପକ୍ଷରୁ କଡା ସୁରକ୍ଷା ବ୍ୟବସ୍ଥା କରାଯାଇଛି । ଏଥିପାଇଁ ଆଜି କମିଶନରେଟ ପୋଲିସ ପକ୍ଷରୁ ଭୁବନେଶ୍ୱରରେ କାରକେଡ୍ ରିହର୍ସଲ କରାଯିବ । ବିମାନ ବନ୍ଦରରୁ ରାଜଭବନ ଓ ସେଠାରୁ ଉତ୍କଳ ବିଶ୍ୱବିଦ୍ୟାଳୟ କ୍ୟାମ୍ପସକୁ କାରକେଡ୍ ରିହର୍ସାଲ କରାଯିବ । ରିହର୍ସାଲରେ ୨୮ଟି ଗାଡି ବ୍ୟବହାର କରାଯିବ । ରାଷ୍ଟ୍ରପତି ଯିବା ସମୟରେ ପ୍ରଥମେ କାର, ତାପରେ ଟେକ୍ନୋ କାର, ପାଇଲଟ୍ କାର, ଭିଆଇପି କାର ଆଦି ଯିବ । ବୁଧବାର ରାଷ୍ଟ୍ରପତି ବାୟୁସେନାର ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ବିଜୁ ପଟ୍ଟନାୟକ ବିମାନ ବନ୍ଦରରେ ପହଞ୍ଚିବେ । ପ୍ରୋଟୋକଲ ଅନୁସାରେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ଅନ୍ୟ ବିଶିଷ୍ଟ ବ୍ୟକ୍ତିମାନେ ତାଙ୍କୁ ସ୍ୱାଗତ କରିବେ । ତା'ପରେ ବିମାନ ବନ୍ଦର ପରିସରରେ ଗାର୍ଡ ଅପ୍ ଅନର ପ୍ରଦାନ କରାଯିବ । ସେଠାରୁ ରାଜଭବନ ଯିବେ ରାଷ୍ଟ୍ରପତି । ସେ ବାୟୁସେନାର ସ୍ୱତନ୍ତ୍ର ହେଲିକପ୍ଟରରେ ମୟୂରଭଂଜ, କେନ୍ଦୁଝର, ବ୍ରହ୍ମପୁର, କଟକ ଓ ସମ୍ବଲପୁର ଯିବେ । ତାଙ୍କ ଯିବା ଆସିବା ସମୟରେ ଏକାସଙ୍ଗେ ତିନିଟି ହେଲିକପ୍ଟର ବ୍ୟବହାର ହେବ । ରାଷ୍ଟ୍ରପତି ସୁରକ୍ଷାକୁ ନଜରରେ ରଖି କମିଶନରେଟ୍ ପୋଲିସ ପକ୍ଷରୁ ୩୦ ପ୍ଲାଟୁନ୍ ଫୋର୍ସ ସହ ୧୫୦ରୁ ଅଧିକ ଅଫିସର ନିୟୋଜିତ ହେବେ । ୩ଟି କ୍ୱିକ୍ ରେସପନ୍ସ ଟିମ୍ ?, ୨ଟି ସ୍ୱେଶାଲ ଟାକ୍ଟିକାଲ ୟୁନିଟ୍ ସୁରକ୍ଷା ଦିତ୍ୱରେ ରହିବେ । ଏଥିସହ ୧୨ ଜଣ ଅତିରିକ୍ତ ଡିସିପି, ୨୫ ଜଣ ଏସିପି, ୪୦ ଜଣ ଇନ୍ସପେକ୍ଟର, ୧୬୦ ଜଣ ଟ୍ରାଫିକ୍ ଓ ୧୫୦ ହୋମଗାର୍ଡ ନିୟୋଜିତ ହେବେ ।

### ହଜାରେ ଟଙ୍କା ଦେଉଛି କିଏ? କେନ୍ଦ୍ର ନା ରାଜ୍ୟ; ଦ୍ୱନ୍ଦ୍ୱରେ ବଢ଼ାଇଲା ରସିଦ୍?

ରାସନ୍ କାର୍ଡ ହିତାଧିକାରୀଙ୍କୁ ୧୦୦୦ ଟଙ୍କା ଦେଉଛି କିଏ? କେନ୍ଦ୍ର ସରକାର ନା ରାଜ୍ୟ ସରକାର। ଟଙ୍କା ବଣ୍ଟନ ବେଳେ ଦିଆଯାଉଥିବା ରସିଦ୍‌କୁ ନେଇ ଏପରି ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ବଲାଙ୍ଗିର ଜିଲ୍ଲାରୁ ଆସିଛି ଏପରି ଅଭିଯୋଗ ।ଲୋଇସିଂହା ବ୍ଲକ୍ କୁଶଙ୍ଗ ପଞ୍ଚାୟତରେ ରାସନ୍‌କାର୍ଡ ହିତାଧିକାରୀଙ୍କୁ ୧୦୦୦ ଟଙ୍କା ଲେଖାଏଁ ବଣ୍ଟନ କରାଯାଇଥିଲା। ଟଙ୍କା ସହିତ ଦିଆଯାଇଥିବା ରସିଦ୍‌କୁ ନେଇ ଏବେ ଜୋରଦାର ଚର୍ଚ୍ଚା। ରାସନକାର୍ଡ ହିତାଧିକାରୀଙ୍କୁ ଦିଆଯାଇଥିବା ରସିଦ୍ ଉପରେ 'ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନା' ଲେଖାଯାଇଛି। ତା' ତଳେ ଲେଖାଯାଇଛି ହଜାରେ ଟଙ୍କା। ସେହି ରସିଦରୁ ସ୍ପଷ୍ଟ ଭାବେ ଜଣାପଡୁଛି ଯେ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନାରୁ ରାସନ୍ କାର୍ଡଧାରୀଙ୍କୁ ହଜାରେ ଟଙ୍କା ଦିଆଯାଉଛି। ତେବେ ଏଠି ପ୍ରଶ୍ନ ଉଠୁଛି ଟଙ୍କା ଦେଉଛି କିଏ? ରାଜ୍ୟ ନା କେନ୍ଦ୍ର?

## କଂଗ୍ରେସ ବିଧାୟକଙ୍କ କ୍ରସ ଭୋଟିଂ: ସଂଖ୍ୟା ନଥାଇ ବି ବାଜି ମାରିନେଲା ବିଜେପି



ଭୁବନେଶ୍ୱର,୨୭।୨(ପି.ଏନ): ହିମାଚଳ ପ୍ରଦେଶରେ କ୍ଷମତାସୀନ କଂଗ୍ରେସକୁ ବଡ ଝଟକା ଲାଗିଛି। ସଂଖ୍ୟା ଥାଇ ବି ଦଳ ରାଜ୍ୟସଭା ନିର୍ବାଚନରେ ହାରିଛି। ଦଳର ୬ ଜଣ ବିଧାୟକ ଓ ସରକାରଙ୍କୁ ସମର୍ଥନ କରୁଥିବା ୩ ଜଣ ସ୍ୱାଧୀନ ବିଧାୟକ କ୍ରସ ଭୋଟିଂ କରିବାରୁ କଂଗ୍ରେସ ରାଜ୍ୟସଭା ଆସନ ହରାଇଛି। ବିଜେପି ପାଖରେ ମାତ୍ର ୨୫ ଜଣ ବିଧାୟକ ଥିଲେ ହେଁ ଦଳ ହିମାଚଳ ପ୍ରଦେଶର ୧ ମାତ୍ର ଆସନ କବଜା କରିବାକୁ ସକ୍ଷମ ହୋଇଛି ।କଂଗ୍ରେସ ଅଭିଷେକ ମନୁ ସିଙ୍ଘଭୀଙ୍କୁ ପ୍ରାର୍ଥୀ କରିଥିବା ବେଳେ ବିଜେପି ହର୍ଷ ମହାଜନଙ୍କୁ ଟିକେଟ ଦେଇଥିଲା। କ୍ରସ ଭୋଟିଂ ଯୋଗୁ ବିଜେପି ସପକ୍ଷରେ ୩୪ ଖଣ୍ଡ ଭୋଟ ପଡିଥିଲା। କଂଗ୍ରେସର ଜଣେ ବିଧାୟକ ଅସୁସ୍ଥତା କାରଣରୁ ଭୋଟ ଦେବାକୁ ଆସି ନଥିଲେ। ତେଣୁ ୩୪-୩୩ରେ ଅସୁସ୍ଥତା କାରଣରୁ ଭୋଟ ଦେବାକୁ ଆସି ନଥିଲେ। ତେଣୁ ୩୪-୩୩ରେ

## ସୀମାନ୍ତ ଲୁହାପଥ ଖଣିରେ ଅଘଟଣ: ମାଟି ଅତଡା ଖସିବାରୁ ୫ ଶ୍ରମିକ ପୋତି ହେଲେ, ୨ ମୃତ



ମାଲକାନଗିରି,୨୭।୨(ପି.ଏନ): ସୀମାନ୍ତ ଛତିଶଗଡର ଦନ୍ତେୱାଡା ଠାରେ ରହିଥିବା ଏନଏମଡିସି ପଥର ଖଣିରେ ଅଘଟଣ। ଆଜି କାମ ଚାଲିଥିବା ବେଳେ ନୂତନ ଭାବେ ନିର୍ମିତ ଏସପି-୩ରେ ଏକ ବଡ ଦୁର୍ଘଟଣା ଘଟିଥିଲା। ଲୁହାପଥର ଓ ମାଡି ଅତଡା ଖସିବାରୁ ୫ ଜଣ ଶ୍ରମିକ ମାଟି ତଳେ ଚାପି ହୋଇଯାଇଥିବା ଜଣାପଡିଛି। ମାଟି ତଳୁ ୨ ଜଣଙ୍କ ମୃତଦେହକୁ ଉଦ୍ଧାର କରାଯାଇଛି।

## ଐତିହାସିକ ବାରବାଟୀ ଷ୍ଟାଡିୟମର ହେବ ନବକଳେବର: ଆଜି ମୁଖ୍ୟମନ୍ତ୍ରୀ କରିବେ ଶିଳାନ୍ୟାସ

କଟକ,୨୭।୨(ପି.ଏନ): ଓଡିଶାର ଐତିହାସିକ ବାରବାଟୀ କ୍ରିକେଟ ଷ୍ଟାଡିୟମକୁ ନୂଆ ରୂପ ଦେବା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି । ଏଥିପାଇଁ ଆଜି ବାରବାଟୀ ଷ୍ଟାଡିୟମ ପ୍ରକଳ୍ପର ଶିଳାନ୍ୟାସ କରାଯିବ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାର ଶିଳାନ୍ୟାସ କରିବେ । ଏହାସହିତ ଷ୍ଟାଡିୟମରେ ଅତ୍ୟାଧୁନିକ ସ୍ପ ?ର୍ଟ୍ସ କମ୍ପ୍ଲେକ୍ସ ନିର୍ମାଣ କରିବା ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯିବ । ତେବେ ଭିଡିଓ କନଫରେନ୍ସିଂ ଜରିଆରେ ମୁଖ୍ୟମନ୍ତ୍ରୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ପ୍ରକଳ୍ପର ଶିଳାନ୍ୟାସ କରିବେ । ଏଠାରେ ମୋଟ ୪୧ଟି କ୍ରିକେଟ ଏକାଡେମୀର ଲୋକାର୍ପଣ କରାଯିବ ।

## ବାପା ମା' ଆଗରେ ହାଇୱା ଧକ୍କାରେ ଚାଲିଗଲା କୋମଳମତି ଶିଶୁକନ୍ୟାର ଜୀବନ

ରାଉରକେଲା/କୋଇଡା,୨୭।୨ (ପି.ଏନ): ବାପା ମା' ଆଗରେ ହାଇୱା ଧକ୍କାରେ ଚାଲିଗଲା କୋମଳମତି ଶିଶୁକନ୍ୟାର ଜୀବନ। ନିଶ୍ଚିତ ମୃତ୍ୟୁମୁଖରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି ଉଭୟ ଦମ୍ପତି। ଆଜି ସଂଧ୍ୟା ପ୍ରାୟ ସାଢ଼େ ୫ଟାରେ ଲହୁଣିପଡା ବ୍ଲକ ବରସୁଆଁ ବିର୍ସାମୁଣ୍ଡା ଛକରେ ଏମିତି ଘଟଣା ଘଟିଛି। ଲହୁଣିପଡା ପୁଲିସ ଦୁର୍ଘଟଣାଗ୍ରସ୍ତ ହାଇୱାକୁ ଜବତ କରିବା ସହ ଡ୍ରାଇଭରକୁ ଥାନାରେ ଅଟକ ରଖିଛି। କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକ ରାସ୍ତାରୋକୋ କରିଥିଲେ। ସ୍ଥାନୀୟ ପୁଲିସ ଓ ସରପଞ୍ଚ ପହଞ୍ଚି ଉତ୍ତେଜିତ ଲୋକଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା।

## ମୁଖ୍ୟମନ୍ତ୍ରୀଙ୍କ ଆକାଂକ୍ଷିତ ଓଡିଶା ଗଠନ ଦିଗରେ ସହଭାଗୀ ହୋଇ କାମ କରନ୍ତୁ: ୫ଟି ଅଧ୍ୟକ୍ଷ



ଭୁବନେଶ୍ୱର,୨୭।୨(ପି.ଏନ): ରାଜ୍ୟର ୧୪ଟି ବିଭିନ୍ନ ଅନୁଷ୍ଠାନ ଓ ସଂଘର କର୍ମକର୍ତ୍ତାମାନେ ନବୀନ ନିବାସଠାରେ ଆଜି ୫ଟି ତଥା ନବୀନ ଓଡିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଭେଟି ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନାଯୋଗ୍ୟ ଯେ ସମ୍ପୃକ୍ତ କର୍ମକର୍ତ୍ତାମାନେ ପୂର୍ବରୁ ଶ୍ରୀ ପାଣ୍ଡିଆନଙ୍କୁ ଭେଟି ତାଙ୍କ ଅନୁଷ୍ଠାନ ଓ ସଂଘର ସମସ୍ୟା ବିଷୟରେ ଅବଗତ କରାଇଥିଲେ। ଶ୍ରୀ ପାଣ୍ଡିଆନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୃଷ୍ଟିକୁ ଆଣି ଏହି ସବୁ ସମସ୍ୟାଗୁଡିକ ତୁରନ୍ତ ଏହାର ପ୍ରତିକାର କରିଥିଲେ। ଏଥିପାଇଁ ଆଜି କର୍ମକର୍ତ୍ତାମାନେ ମୁଖ୍ୟମନ୍ତ୍ରୀ ଓ ୫ଟି ଅଧ୍ୟକ୍ଷଙ୍କୁ କୃତଜ୍ଞତା ଜଣାଇବା ସହିତ ଧନ୍ୟବାଦ ଅର୍ପଣ କରିଛନ୍ତି।

## ନିର୍ବାଚନ କମିଶନଙ୍କ ଛାଟ ପରେ ବଦଳିଲେ ଜିଲ୍ଲାସ୍ତରରେ କାର୍ଯ୍ୟରତ ୧୫୬ ଓଏଏସ୍ ଅଫିସର




ଭୁବନେଶ୍ୱର,୨୭।୨(ପି.ଏନ): ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ସରକାରୀ କର୍ମଚାରୀଙ୍କ ବଦଳି ନିୟମକୁ କଡାକଡି ପାଇଁ ନିର୍ବାଚନ କମିଶନ ନିର୍ଦ୍ଦେଶ ଦେବା ପରେ ରାଜ୍ୟର ବଦଳି ପ୍ରକ୍ରିୟା ଜାରି ରହିଛି । ବିଡିଓ, ତହସିଲଦାର, ଉପଜିଲ୍ଲାପାଳ, ପ୍ରକଳ୍ପ ନିର୍ଦ୍ଦେଶକ, ଅତିରିକ୍ତ ଜିଲ୍ଲାପାଳ ଆଦି ଭାବେ କାର୍ଯ୍ୟରତ ମୋଟ ୧୫୬ଜଣ ବରିଷ୍ଠ ଓଏଏସ୍ ଅଫିସରଙ୍କ ବଦଳି ହୋଇଛି । ଏନେଇ ସାଧାରଣ ପ୍ରଶାସନ ବିଭାଗ ଓ ପଂଚାୟତିରାଜ ବିଭାଗ ପକ୍ଷରୁ ଭିନ୍ନ ଭିନ୍ନ ବିଜ୍ଞପ୍ତି ଜାରି ହୋଇଛି । ଗତକାଲି ୨୨ଜଣ ପୌର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ବଦଳି ହୋଇଥିଲା ।ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ଅତିରିକ୍ତ ଜିଲ୍ଲାପାଳ,ଜିଲ୍ଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ, ଉପଜିଲ୍ଲାପାଳ ଓ ପିଏ ଆଇଟିଡିଏ ଅଧିକାରୀ ଭାବେ ଜିଲ୍ଲାସ୍ତରରେ କାର୍ଯ୍ୟରତ ମୋଟ ୫୧ଜଣ ବରିଷ୍ଠ ଓଏଏସ୍ ଅଫିସରଙ୍କ ବଦଳି ହୋଇଛି । ସେହିପରି ପଂଚାୟତିରାଜ ବିଭାଗ ପକ୍ଷରୁ ୩୫ଜଣ ବିଡିଓଙ୍କ ବଦଳି ହୋଇଛି । ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ପକ୍ଷରୁ ୭୦ଜଣ ତହସିଲଦାର(ଓଏଏସ)ଙ୍କ ବଦଳି ହୋଇଛି ।ସାଧାରଣ ପ୍ରଶାସନ ବିଭାଗର ୩ଟି ବଦଳି ବିଜ୍ଞପ୍ତି ଅନୁସାରେ, ବରିଷ୍ଠ ଓଏଏସ୍ ଉଦୟ କୁମାର ମହାପାତ୍ରଙ୍କୁ ମୟୂରଭଞ୍ଜ ଅତିରିକ୍ତ ଜିଲ୍ଲାପାଳ(ଏଡିଏମ), ଲଗ୍ନଜିତ୍ ରାଉତଙ୍କୁ କୋରାପୁଟ ଅତିରିକ୍ତ ଜିଲ୍ଲାପାଳ, ଲଳିତମୋହନ ବେହେରାଙ୍କୁ ପାରାଦୀପ ଅତିରିକ୍ତ ଜିଲ୍ଲାପାଳ, ନିରଞ୍ଜନ ବେହେରାଙ୍କୁ ବାଲେଶ୍ୱର ଏଡିଏମ୍ , ଅଭିମନ୍ୟୁ ବେହେରା-(କ)ଙ୍କୁ ଜଗତସିଂହପୁର ଏଡିଏମ, ତ୍ରିନାଥ ମାଝୀଙ୍କୁ ରାୟଗଡା ଏଡିଏମ୍ ,ଶରତ ଚନ୍ଦ୍ର ମହାପାତ୍ରଙ୍କୁ ଅନୁଗୁଳ ଏଡିଏମ, ସୋମନାଥ ପ୍ରଧାନଙ୍କୁ ମାଲକାନଗିରି ଏଡିଏମ୍ , ଅନୀତା ପାତ୍ରଙ୍କୁ ଢେଙ୍କାନାଳ ଏଡିଏମ, ସମ୍ବିତ କୁମାର ରାଉତଙ୍କୁ ଜଗତସିଂହପୁର ଏଡିଏମ, ପ୍ରସନ୍ନ କୁମାର ପାତ୍ରଙ୍କୁ କୋରାପୁଟ ଏଡିଏମ, ନୀଳମାଧବ ଭୋଇଙ୍କୁ ପୁରୀ ଏଡିଏମ (ପ୍ରୋଟୋକଲ), ମଧୁଛନ୍ଦା ସାହୁ ବରଗଡ ଏଡିଏମ, ପ୍ରଭାସ ଚନ୍ଦ୍ର ଦଣ୍ଡସେନା ବୌଦ୍ଧ ଉପଜିଲ୍ଲାପାଳ, ଅନୁପ ପଣ୍ଡା ପାରଳାଖେମୁଣ୍ଡି ଉପଜିଲ୍ଲାପାଳ, ଆଲୋକ କୁମାର ପ୍ରଧାନ ବଲାଙ୍ଗୀର ଉପଜିଲ୍ଲାପାଳ, ଜ୍ୟୋତି ଶଙ୍କର ରାୟ, କଟକ ଉପଜିଲ୍ଲାପାଳ, ସୁବ୍ରତ କୁମାର ଜେନା କନ୍ଧମାଳ ଉପଜିଲ୍ଲାପାଳ, ଦେବାଶୀଷ ପଟ୍ଟନାୟକ କୋରାପୁଟ ଜିଲ୍ଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ, ପ୍ରିୟରଞ୍ଜନ ପୃଷ୍ଟି ପୁରୀ ଜିଲ୍ଲା ପରିଷଦ କାର୍ଯ୍ୟନିବାହୀ ତଥା ମୁଖ୍ୟ ଉନ୍ନୟନ ଅଧିକାରୀ(ଇଓ ଓ ସିଡିଓ), ଦୟାମୟ ପା ?ୀ କଳାହାଣ୍ଡି ସିଡିଓ-ଇଓ ଜିଲ୍ଲା ପରିଷଦ, ରତ୍ନାକର ସାହୁ କନ୍ଧମାଳ ସିଡିଓ-ଇଓ ଜିଲ୍ଲା ପରିଷଦ, ନରେଶ ଚନ୍ଦ୍ର ଶବର ମାଲକାନଗିରି ସିଡିଓ-ଇଓ ଜିଲ୍ଲା ପରିଷଦ, ପ୍ରିୟଦର୍ଶନୀ ମଲ୍ଲିକ କଟକ ସିଡିଏ ସଚିବ, ଲଲାଟ କୁମାର ଲୁହ ସମ୍ବଲପୁର ଆରଡିସିଙ୍କ ଅତିରିକ୍ତ ସଚିବ, ରାଜେନ୍ଦ୍ର ମାଝୀଙ୍କୁ ଗଜପତି ଛେଳିଆଗଡ ଜଳସେଚନ ପ୍ରକଳ୍ପର ସ୍ୱତନ୍ତ୍ର ଭୂଅଧିଗ୍ରହଣ ଅଧିକାରୀ, ରାମେଶ୍ୱର ପ୍ରଧାନ ବ୍ରହ୍ମପୁର ଆରଡିସିଙ୍କ ଅତିରିକ୍ତ ସଚିବ, କମଳଜିତ୍ ଦାସ ଏମଏସଏମଇ ବିଭାଗର ଯୁଗ୍ମ ସଚିବ, ନରେନ୍ଦ୍ର ନାୟକ କନ୍ଧମାଳ ଜିଲ୍ଲା ପରିଷଦ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ(ଇଓ), ସୁଜାତା ଶୁଭଦର୍ଶିନୀ ନାୟକ ଢେଙ୍କାନାଳ ଜିଲ୍ଲା ପରିଷଦ ଅତିରିକ୍ତ ଇଓ, ଫାଲଗୁନୀ ମାଝୀ ରାୟଗଡ ଜିଲ୍ଲା ପରିଷଦ ଅତିରିକ୍ତ ଇଓ, ନୀଳମାଧବ ମାଝୀଙ୍କୁ ପୁରୀ ଅତିରିକ୍ତ ଉପଜିଲ୍ଲାପାଳ, ପାର୍ଥସାରଥୀ ହାସଁଦାଙ୍କୁ ଛତ୍ରପୁର ଅତିରିକ୍ତ ଉପଜିଲ୍ଲାପାଳ, ଗାୟତ୍ରୀ ନାୟକଙ୍କୁ ଭୁବନେଶ୍ୱର ଇଡକୋ ଲ୍ୟାଣ୍ଡ ଅଫିସର, ବରିଷ୍ଠ ଓଏଏସ୍ ଭବତରଣ ସାହୁଙ୍କୁ ଭୁବନେଶ୍ୱର ଉନ୍ନୟନ ପ୍ରାଧିକରଣର ଲ୍ୟାଣ୍ଡ ଅଫିସର ଭାବେ ବଦଳି ହୋଇଛି ।

## ଖାରବେଳ ଏନକ୍ଲେଭ: ୧୩ ବର୍ଷ ପରେବି ମିଳୁନି ଫ୍ଲାଟ, ଧାରଣାରେ ବସିଲେ ଗ୍ରାହକ

ଖଣ୍ଡଗିରି,୨୭।୨(ପି.ଏନ): ଫ୍ଲାଟ ପାଇଁ ଟଙ୍କା ନେଲେ କିନ୍ତୁ ୧୩ ବର୍ଷ ହେଲା ଘର ଦେଉ ନାହାନ୍ତି। ଏହାକୁ ବିରୋଧ କରି ଖାରବେଳ ଏନକ୍ଲେଭ୍ ଆସୋସିଏନ ପକ୍ଷରୁ ହାଉସିଂ ବୋର୍ଡ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଯଥାଶୀଘ୍ର ଘର ଦିଆନଗଲେ ଅନଶନ ଓ ନ୍ୟାୟାଳୟର ଆଶ୍ରା ନେବାକୁ ଧମକ ଦିଆଯାଇଛି। ଆନ୍ଦୋଳନକାରୀ କହିଛନ୍ତି, ମୁଖ୍ୟମନ୍ତ୍ରୀ ୨୦୧୧ ମସିହାରେ ଜାଗମରାସ୍ଥିତ ଖାରବେଳ ଏନକ୍ଲେଭ୍ ନାମରେ ବହୁତଳ ପ୍ରସାଦର ଶିଳାନ୍ୟାସ କରିଥିଲେ। ପ୍ରଥମେ ୨୦୧୪ ଓ ପରେ ୨୦୨୦ ମସିହା ଜୁନ୍ ମାସରେ ଏହାର ହସ୍ତାନ୍ତରଣ ହେବ ବୋଲି ବିଜ୍ଞପ୍ତି ଜାରି ହୋଇଥିଲା।








# ଟି ଟାଇମ୍

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ



ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ ।

## ପୁରାଣ କାହାଣୀ

# ରାଜାଙ୍କ ଗର୍ବ ଖର୍ବ ହେଲା



ଏକଦା ତ୍ରିବିକ୍ରମଙ୍କ ରାଣୀ ତାଙ୍କୁ କିଛି ପରାମର୍ଶ ଦେଲେ ଆପଣଙ୍କ ମନରେ ଉଙ୍କି ମାରୁଥିବା ପ୍ରଶ୍ନକୁ ଖୋଲି ଗୁରୁଙ୍କୁ ପଚାର । ତ୍ରିବିକ୍ରମ ମନରେ ସାହସ ବାନ୍ଧି ଗୁରୁଙ୍କୁ ପ୍ରଶ୍ନ ପଚାରିଲେ ହେ ଗୁରୁବର ଆପଣଙ୍କଠାରୁ ମୁଁ ଶିକ୍ଷା ଗ୍ରହଣ କରୁଛି କିନ୍ତୁ ମୋର କିଛି ଲାଭ ହେଉନାହିଁ । ଏପରି କାହିଁକି ହେଉଛି । ଗୁରୁ ଶାନ୍ତର ସହ କହିଲେ ହେ ରାଜନ ! କଥା ବହୁ ଛୋଟ କିନ୍ତୁ ଆପଣ ଏହି ଛୋଟ କଥା ଉପରେ ଗୁରୁତ୍ୱ ଦେଇନାହାନ୍ତି । ବଡ଼ ହେବାର ଅହଂକାର ଅହଂଭାବ ଯୋଗୁଁ ଆପଣ ମୋ ଜ୍ଞାନକୁ ସହଜେ ଗ୍ରହଣ କରିପାରୁ ନାହାଁନ୍ତି ଓ ଶିକ୍ଷା ଗ୍ରହଣ କରିବାକୁ ଦେଉନାହିଁ । ଏତିକି କହି ଗୁରୁ ରହିଗଲେ । ତ୍ରିବିକ୍ରମଙ୍କୁ ଲାଗିଲା ଯେ ଗୁରୁ କାରଣକୁ ଖୋଜି ବୁଝିପାରିଛନ୍ତି। କିନ୍ତୁ ସେ ସେପରି ଗୁରୁଙ୍କୁ ଚାହିଁ ରହିଥାନ୍ତି। ଗୁରୁ ତାଙ୍କର କଥା ପୁଣି ଥରେ ଆରମ୍ଭ କରି କହିଲେ ଏହା ସତ୍ୟ ଯେ ଆପଣ ଜଣେ ରାଜା ପଦ ଓ ପ୍ରତିଷ୍ଠାରେ ଆପଣ ମୋଠାରୁ ବଡ଼ା କିନ୍ତୁ ଏଠାରେ ମୁଁ ଓ ଆପଣଙ୍କ ମଧ୍ୟରେ ଥିବା ସମ୍ପର୍କ ହେଉଛି ଗୁରୁଓ ଶିଷ୍ୟର ସଂପର୍କ। ଗୁରୁ ହୋଇଥିବା କାରଣରୁ ମୋ ସ୍ଥାନ ସର୍ବଦା ଉଚ୍ଚରେ ରହିବା ଉଚିତ୍। ଆପଣ ରାଜଦରବାରରେ ସର୍ବଦା ଉଚ୍ଚ ସିଂହାସନରେ ବସିଥିବା ବେଳେ ଆପଣଙ୍କ ସୈନ୍ୟ ଓ ରାଜଗୁରୁ ସେନାପତି ଇତ୍ୟାଦି ତଳ ଆସନରେ ବସିବାକୁ ଦେଇଥାନ୍ତି ଏହି କାରଣରୁ ଆପଣ ଶିକ୍ଷା ଗ୍ରହଣ କରିପାରୁ ନାହାନ୍ତି ଆପଣ ରାଜା ଏଥିପାଇଁ ଆପଣ ଏକଥା କହିପାରୁନଥିଲୋଗୁରୁଙ୍କ ଏପରି କଥା ଶୁଣି ରାଜା ତ୍ରିବିକ୍ରମ ନିଜର ଭୁଲ୍‌କୁ ବୁଝିପାରି ଗୁରୁଙ୍କୁ କ୍ଷମା ମାଗିଲେ ଓ ଶିକ୍ଷା ଗ୍ରହଣ କରିବାରେ ଲାଗିଲେ

# ରୋବଟ କରେ ହୋଟେଲ କାମ




ଜାପାନରେ ଏକ ଏଭଳି ହୋଟେଲ ରହିଛି; ଯାହା ଆଜିକାଲି ଚର୍ଚ୍ଚାରେ ରହିଛି । ଏହି ହୋଟେଲର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ଏଠାରେ ଜଣେ ହେଲେ କର୍ମଚାରୀ ମଣିଷ ନୁହନ୍ତି । ସମସ୍ତେ ହେଉଛନ୍ତି ରୋବଟ। ଉକ୍ତ ହୋଟେଲରେ ସମସ୍ତ କାମର ଦାୟିତ୍ୱ ରୋବଟଙ୍କ ଉପରେ ଦିଆଯାଇଛି। ହୋଟେଲକୁ ଆସୁଥିବା ଆଗନ୍ତୁକଙ୍କ ପାଇଁ ଦ୍ୱାରା ଖୋଲିବାଠାରୁ ନେଇ ବୁକିଂ କରିବା ପର୍ଯ୍ୟନ୍ତ କାମ ରୋବଟ ହିଁ ତୁଲାଇଥାନ୍ତି। ‘ହେନ ନା’ ହୋଟେଲରେ ପୂର୍ବରୁ କାମ କରୁଥିବା ସମସ୍ତ କର୍ମଚାରୀଙ୍କୁ ଛଟେଇ କରିଦିଆଯାଇଛି। ୭୨ କକ୍ଷ ରହିଥିବା ଏହି ଆମୋଦଦାୟକ ହୋଟେଲର ଅଭ୍ୟର୍ଥନା କକ୍ଷରେ ଯୁବତୀଙ୍କ ପୋଷାକ ପରିଧାନ କରି ଜଣେ ରୋବଟକୁ ବସାଯାଇଛି। ଏକ ଯାନ୍ତ୍ରିକ ଡାଏନୋସର ଆଗନ୍ତୁକଙ୍କୁ ସ୍ୱାଗତ କରିଥାଏ। ‘ହେନ ନା’ ଅର୍ଥ ଅଲୌକିକ। ଜାପାନରେ ଏହି ହୋଟେଲରେ ଗୋଟିଏ ରାତି କଟାଇବା ପାଇଁ ୭୨ ଡଲାର ଦେବାକୁ ହୋଇଥାଏ। ଆଗନ୍ତୁକଙ୍କ ଜିନିଷପତ୍ର ରୋବଟ ହିଁ ଉଠାଇଥାନ୍ତି ଏବଂ ଆଗନ୍ତୁକଙ୍କୁ ବୁକିଂ ହୋଇଥିବା କକ୍ଷ ପର୍ଯ୍ୟନ୍ତ ନେଇଯା’ନ୍ତି। ଏହି ହୋଟେଲକୁ ଚଳାଉଥିବା ହିଡିୟୋ ସଓ୍ୱାଡା କହିଛନ୍ତି ଯେ ରୋବଟଙ୍କ ବ୍ୟବହାର କେବଳ ଲୋକଙ୍କ ଧ୍ୟାନ ଆକର୍ଷଣ କରିବା ପାଇଁ କରାଯାଉନାହିଁ; ବରଂ ବୈଷୟିକ ଜ୍ଞାନକୌଶଳର ଭରପୂର ଫାଇଦା ଉଠାଇବା ଲାଗି କରାଯାଉଛି।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ ।

# ବାଲି ନିର୍ମିତ ହୋଟେଲ୍



ପିଲାଦିନେ ଆମେ ବାଲିରେ ଅନେକ ଘର ବନାଇ ଖେଳନ୍ତି । କିନ୍ତୁ ସେହି ଘର ସାମାନ୍ୟ ଆଘାତରେ ଭାଙ୍ଗିଯାଏ । କିନ୍ତୁ ନେଦରଲ୍ୟାଣ୍ଡର କିଛି ମୂର୍ତ୍ତି ନିର୍ମାଣକାରୀ ଏହି ବାଲି ଘରକୁ ସ୍ଥାୟୀ ବନାଇବାରେ ସଫଳ ହୋଇଛନ୍ତି ଗୋଟିଏ ହୋଟେଲ୍ ମାଧ୍ୟମରେ । ନେଦରଲ୍ୟାଣ୍ଡର ଓସ୍ ଟାଉନ୍‌ରେ ନିର୍ମାଣ କରାଯାଇଛି ଏହି ହୋଟେଲ୍ । ଏବେ କିନ୍ତୁ ସେହି ହୋଟେଲ୍‌ରେ ଗୋଟିଏ ରୁମ୍‌ର ବ୍ୟବସ୍ଥା କରାଯାଇଛି । ସେହି ରୁମ୍‌ରେ ରହିବାକୁ ହେଲେ ଆପଣଙ୍କୁ ଗୋଟିଏ ଦିନ ପାଇଁ ୧୧ହଜାରଟଙ୍କା ମୂଲ୍ୟ ଦେବାକୁ ହେବ। ହୋଟେଲ୍‌ର ମ୍ୟାନେଜର ମାଦ ବେନ୍ ଲିଓ୍ୱେନ କହନ୍ତି ନେଦରଲ୍ୟାଣ୍ଡରେ ଏଭଳି ବାଲି ତିଆରି ହୋଟେଲ୍ ବନାଇବାର ଆଇଡିଆ ତାଙ୍କୁ ଫିନ୍‌ଲ୍ୟାଣ୍ଡ ଓ ସ୍ୱିଡେନ୍ ମିଳିଥିଲା । ସେଠାରେ ବରଫ ନିର୍ମିତ ହୋଟେଲ୍ ଦେଖିବାକୁ ମିଳେ । ସେହି ହୋଟେଲ୍ ମଧ୍ୟରେ ବରଫ ନିର୍ମିତ ବେଡ୍ ରହିଛି, ଘରମାନଙ୍କର ତାପମାତ୍ରା ୮ଡିଗ୍ରୀ ସେଲସିୟସ୍ କମ୍ ରହିଥାଏ । ଲିଓ୍ୱେନ୍ ବାଲିର ହୋଟେଲ୍ ବନାଇବା ପାଇଁ ହଜାର ଟନ୍ ବାଲି ସଂଗ୍ରହ କରିଥିଲେ । ବାଲି ଘରକୁ ସୁଦୃଢ଼ କରିବା ପାଇଁ କାଠର ଢ଼ାଞ୍ଚା ପ୍ରସ୍ତୁତ ହୋଇଥିଲା । ପରେ ବାଲିର ଛାତ, ଭୂଇଁ ଓ କାନ୍ଥ ପ୍ରସ୍ତୁତ ହୋଇଥିଲା । ହୋଟେଲରେ ଅତିଥିଙ୍କ ପାଇଁ ଓ୍ୱାଇଫାଇ, ଲାଇଟ୍ ଓ ପାଣିର ସୁବିଧା ରହିଛି ।

# ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିଡ଼ମ ଘାସ। କାର ନିର୍ମାତାମାନେ ସେହି ସିଡ଼ମ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚଳିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି।

# କୀର୍ତ୍ତନ କରିବା ସମୟରେ ଲୋକେ ତାଳିବଜାନ୍ତି କାହିଁକି

ଧାର୍ମିକ ମାନ୍ୟତା ଅନୁସାରେ କୀର୍ତ୍ତନ କରିବା ସମୟରେ ତାଳି ବଜାଇବାର ଏହି ଅର୍ଥ ହେଉଛି ଯେ, ଭକ୍ତ ଭଗବଦ୍ ନାମରେ ଏପରି ଭାବରେ ମଗ୍ନ ହୋଇଯାଏ, ଭଗବାନଙ୍କ ନାମ କୀର୍ତ୍ତନ କରି ବିହ୍ୱଳ ହୋଇସେଥିରେ ବୁଡ଼ିଯିବା, ନାମ ଧରି ଏକ ଧ୍ୟାନରେ ବୁଡ଼ିରହି ଝୁଲି ଝୁଲି ତାଳି ବଜାଇବା । ତାଳି ଧ୍ୱନୀର ତରଙ୍ଗ ପ୍ରଭୁଙ୍କୁ ଆନ୍ଦୋଳିତ କରେ, ଯେପରି ସେ ନିଜର ଭକ୍ତକୁ ରକ୍ଷାକରିବାକୁ ଏବଂ କୃପାରସ ବରଷିବା ପାଇଁ ସ୍ୱୟଂ ସେହି ସ୍ଥାନରେ ପହଞ୍ଚିଯାଆନ୍ତି ।

# ମିଥ୍ୟା ଅଭିମାନ ଉନ୍ନତି ପଥରେ ବାଧକ ସାଜିଥାଏ

ସଫଳତା ହାସଲ କରିବାରେ ଯେଉଁ ଖୁସି ମିଳେ ତାହା କହିହୁଏ ନାହିଁ । କିନ୍ତୁ ସେହି ଖୁସି ଯଦି ଅଧିକରୁ ଅଧିକ ହେଲା ତାହା କ୍ରନ୍ଦନରେ ପରିଣତ ହୋଇଥାଏ। ଖୁସି, ଉଲ୍ଲାସ, ଆନନ୍ଦ ହେବା ସମସ୍ତଙ୍କର ଅଧିକାର । ଏହି ଅଧିକାରରୁ କେହି ବଞ୍ଚିତ ନୁହଁନ୍ତି । ଯିଏ ଏଥିରୁ ବଞ୍ଚିତ ସେ ସର୍ବଦା ଦୁଃଖରେ କାଳାତିପାତ କରିଥାଏ ବୋଲି ଅନେକ କୁହନ୍ତି । ନିଜ ଖୁସିରେ ଖୁସି ନ ହୋଇ ଅନ୍ୟ ଖୁସିରେ ଖୁସି ହେଲେ ଆତ୍ମାକୁ ଆନନ୍ଦ ମିଳିବା ସହ ସଦା ସର୍ବଦା ପ୍ରଫୁଲ୍ଲ ହୋଇଥାନ୍ତି। ଏକଦା ୟୁରୋପ ସେନା ଯୁଦ୍ଧରେ ବିଜୟୀ ହୋଇ ୟୁରୋପ୍ ରାଜାଙ୍କ ମାନ ରଖିଲେ । ସେନାଙ୍କ ବିଜୟରେ ରାଜା ପ୍ରସନ୍ନ ହୋଇ ସେନାପତିଙ୍କ ସହ ସୈନ୍ୟଗଣଙ୍କୁ ସ୍ୱାଗତ ଲାଗି ଯୋଜନା କଲେ । ରାଜା ତାଙ୍କ ମନ୍ତ୍ରୀମାନଙ୍କୁ କହିଲେ, ସେନାପତି ରାଜ୍ୟରେ ପ୍ରବେଶ କରିବା ମାତ୍ରେ ତାଙ୍କର ଜୟଜୟକାର ହେଉ । ଏହି ଭବ୍ୟ ସମାଚାର ପାଇ ସେନାପତି ବହୁ ପ୍ରସନ୍ନ ହେଲେ । ସେ ଏତେ ପ୍ରସନ୍ନ ହୋଇଗଲେ ଯେ ତାଙ୍କ ଖୁସିର ସୀମା ଆଉ ରହିଲା ନାହିଁ ଓ ସେ ଗର୍ବ ଅନୁଭବ କଲେ । ରାଜାଙ୍କ ସ୍ୱାଗତ ଯୋଜନା ଅନୁଯାୟୀ ମନ୍ତ୍ରୀମାନେ ଚାରୋଟି ଧଳା ଘୋଡ଼ାରେ ସେନାପତିଙ୍କୁ ଆସିନ କରାଇ ନଗରରେ ପ୍ରବେଶ କଲେ । ହଠାତ୍ ସେନାପତି ଦେଖିବାକୁ ପାଇଲେ ଆଉ ଏକ ସଜ୍ଜିତ ରଥରେ ଜଣେ ଦାସ ଆସିନ ହୋଇ ସେନାପତିଙ୍କ ରଥ ସହ ସମାନ୍ତର ଭାବେ ରାଜଧାନୀରେ ପ୍ରବେଶ କରୁଛନ୍ତି । ଏହା ଦେଖି ତାଙ୍କ ମଧ୍ୟରେ ଅହଂଭାବ ଜାଗ୍ରତ ହେଲା । ଏହି ଅହଂଭାବକୁ ଜାଣିପାରି ରାଜା ଏହି ଯୋଜନା କରିଥିଲେ । ଏହି ରଥରୁ ସେନାପତି ଜାଣିବାକୁ ପାଇଲେ ଯେ ଛୋଟରୁ ଛୋଟ ସାଧାରଣ ଦାସ ମଧ୍ୟ ତାଙ୍କ ସହ ସମାନ । ସେମାନେ ଗୌରବପୂର୍ଣ୍ଣ ପଦରେ ମଧ୍ୟ ଅଧିଷ୍ଠିତ ହୋଇପାରିବେ । ସେହି ସମୟରେ ତାଙ୍କର ବିଜୟର ଉଲ୍ଲାସ ମଉଳିଯିବା ସହ ତାଙ୍କର ଅଭିମାନ ମଧ୍ୟ ନଷ୍ଟ ହୋଇଗଲା । ମିଥ୍ୟା ଅଭିମାନ ଉନ୍ନତି ପଥର ବାଧକ ସାଜିଥାଏ ।

## ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୱ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

# ୩ ଫୁଟର ବର-କନ୍ୟା



କଥାରେ କୁହନ୍ତି ଯୋଡି ଭଗବାନ ବନାଇ ଥାଆନ୍ତି । ଭଗବାନ ହିଁ ପ୍ରତ୍ୟେକ ମଣିଷ ପାଇଁ ସଠିକ ଜୀବନସାଥୀ ଚୟନ କରିଥାନ୍ତି । ନିକଟରେ ମହାରାଷ୍ଟ୍ରର ଗୋଣ୍ଡାଲବା ସହରର ଛାଜେଡ ପରିବାରରେ ଏକ ବିବାହ ସମ୍ପନ୍ନ ହୋଇଛି । ବିବାହରେ ବରର ଉଚ୍ଚତା ପାଖାପାଖି ୩ ଫୁଟ ହୋଇଥିବା ବେଳେ କନ୍ୟାର ଉଚ୍ଚତା ବି ସେତିକି । ଛାଜେଡ ପରିବାରରେ ଦୁଇ ପୁଅ ଅଛନ୍ତି । ଦୁଇ ଜଣଙ୍କ ଉଚ୍ଚତା ମାତ୍ର ୩.୬ ଫୁଟ । ସେହି ପରିବାରର ସାନ ପୁଅ ଧୀରଜ ବିବାହ କରିଥିଲେ ନିକଟସ୍ଥ ଗାଁର ପୂଜା ସୁରାଣାଙ୍କୁ । ପୂଜାଙ୍କ ଉଚ୍ଚତା ୩.୨ ଫୁଟ ହେବ । ଏହା ପୂର୍ବରୁ ତାଙ୍କ ବଡ ଭାଇଙ୍କ ବିବାହ ଜଣେ ୩.୩ ଫୁଟ ଉଚ୍ଚତାର କନ୍ୟା ସହ ହୋଇଥିଲା । ଏହି ପରିବାରର ସମସ୍ତଙ୍କ ଉଚ୍ଚତା ପ୍ରାୟ ସମାନ ହୋଇଥିବାରୁ ଏହାକୁ ଭଗବାନଙ୍କ ବରଦାନ ବୋଲି କେହି କେହିଁ କୁହନ୍ତି ।




# ଜଙ୍ଗଲ ସୁରକ୍ଷା-ଜୀବନ ରକ୍ଷା

ଈଶ୍ୱରଙ୍କ ସୃଷ୍ଟି ସୁନ୍ଦର ପ୍ରକୃତି, ତାର ପଚଂଭୂତ, ଜଳ, ସ୍ଥଳ, ବାୟୁ, ପ୍ରାଣୀ, ଉଦ୍ଭିଦଜଗତ ଆଦିଙ୍କ ସମଷ୍ଟିରେ ଆମର ପରିବେଶ । କେତେବେଳେ ଗ୍ରୀଷ୍ମର ରୌଦ୍ର ପ୍ରଚଣ୍ଡତା ତ ମେଘର ମନ୍ଦ୍ରଧ୍ୱନି, ଶରତର ଶୁଭ୍ର ଶୋଭା ତ ହେମନ୍ତର କାକର, ଶୀତର ଶୀତଳତା ଓ ଋତୁରାଜ ବସନ୍ତର ମଳୟ ପବନ ବହି ଆଣେ କୋଇଲିର କୁହୁକୁହୁ ତାନ, ଷଡ଼ଋତୁ ଲୀଳାରେ ପ୍ରକୃତିର ଜୟଗାନ । ପ୍ରାକୃତିକ ସୁଷମାର ଦିଗନ୍ତବିସ୍ତାରୀ ଶସ୍ୟକ୍ଷେତ୍ର, ତରଙ୍ଗ ଶୋଭିତ ନଦୀ ସକଳ, ଘନବନାନୀ ଆଚ୍ଛାଦିତ ନଭଶ୍ଚୁମ୍ବୀ ପର୍ବତମାଳା, ହଂସ କାରଣ୍ଡକ ଆଦି ବିହଙ୍ଗମ ଶୋଭିତ ହ୍ରଦ ଓ ହ୍ରଦ ତୀର, ଆମ୍ର, ନାରୀକେଳ ପଣସାଦି ବୃକ୍ଷ ପରିପୂର୍ଣ୍ଣ ମାଳ ମାଳ ତୋଟା, ଖଜୁରୀ ଆଦି ବୃକ୍ଷ ଶୋଭିତ ପଥପାର୍ଶ୍ୱ, ଘନସନ୍ନିବିଷ୍ଟ




ତୃଣରାଜି ଓ ସବୁଜ ଦ୍ରୁମଲତା ପରିଶୋଭିତ ପ୍ରକୃତିର ଏକ ନୟନାଭିରାମ ଦୃଶ୍ୟ । ମାତ୍ର ଜନସଂଖ୍ୟାର ଅଭିବୃଦ୍ଧି, କଳକାରଖାନାମାନଙ୍କର ଅବିଶ୍ୱସନୀୟ ପ୍ରଗତି ଫଳରେ ଆମର ଏଇ ସୁନ୍ଦର ପ୍ରାକୃତିକ ପରିବେଶ ଆଜି ବିପର୍ଯ୍ୟସ୍ତ ଶିଳ୍ପସଂସ୍ଥାମାନଙ୍କ ଦ୍ୱାରା ମାଟି, ବାୟୁ, ଜଳ, ଶବ୍ଦ ପ୍ରଦୂଷଣ ସାଧାରଣ ଜୀବନ ପ୍ରଣାଳୀରେ ଅନେକ ସମସ୍ୟା ସୃଷ୍ଟି କରିଛି । ସେଥିପାଇଁ ଆଜିର ଜୀବଜଗତ ମନୁଷ୍ୟ ଅନେକ ମହାମାରୀ ଓ ମାରାତ୍ମକ ରୋଗର ଶିକାର ହେଉଛି । ମନୁଷ୍ୟର ଉଗ୍ର ଆଧୁନିକବାଦ ଓ ବେପରୁଆ ଆଣବିକ ବିସ୍ଫୋରଣ ଫଳରେ ପ୍ରକୃତିର ସୌନ୍ଦର୍ଯ୍ୟ ନଷ୍ଟ ଓ ଜଙ୍ଗଲର ଧ୍ୱଂସ । ଏହି ଅବକ୍ଷୟ ପ୍ରକୃତିକୁ ରକ୍ଷା ପାଇଁ ପୂର୍ବ ଯୁଗରେ ପଚଂଭୂତର ପୂଜା ସଙ୍ଗେ ସଙ୍ଗେ ରାଜା ମହାରାଜାମାନେ ଅଭୟାରଣ୍ୟ କରୁଥିଲେ । ଆଦିମ ମଣିଷ ତାର ବୃକ୍ଷପୂଜାକୁ ଆମ ସଂସ୍କୃତିର ମହାନ



ଅଙ୍ଗ ରୂପେ ଧରି ନେଇଥିଲା । ପ୍ରଳୟ ସମୟରେ ଶୁକ୍ଳାମ୍ବର ବିଷ୍ଣୁ ବଟପୁଟ ଉପରେ ଶୟନ କରିଥିଲେ । ସେଥିପାଇଁ ବଟବୃକ୍ଷକୁ ଆଦ୍ୟ ବୃକ୍ଷ ବୋଲି କୁହାଯାଏ । ହରିବଂଶ ପୁରାଣରେ ଅଚ୍ୟୁତାନନ୍ଦ ବୃକ୍ଷପୂଜାର ମାହାତ୍ମ୍ୟ ବର୍ଣ୍ଣନା କରିଛନ୍ତି । ମହାପୁରୁଷ ଅଚ୍ୟୁତାନନ୍ଦ ଅକ୍ଷୟବଟ ମୂଳରେ



ସିଦ୍ଧି ଓ ଶୂନ୍ୟ ସମାଧି ନେଇଛନ୍ତି । ଅଶ୍ୱତ୍ଥ ବୃକ୍ଷ ମୂଳରେ ବୁଦ୍ଧଦେବ ଦିବ୍ୟଜ୍ଞାନ ଲାଭ କରିଥିଲେ । ପ୍ରତ୍ୟେକ ଜୈନ ତୀର୍ଥଙ୍କର ଗୋଟିଏ ଲେଖାଏଁ ଦିବ୍ୟତରୁ ମୂଳରେ ତପସ୍ୟାରତ ହୋଇ ଜ୍ଞାନପ୍ରାପ୍ତ ହୋଇଥିଲେ । ଜୈନ ଶାସ୍ତ୍ର ମତରେ ବଟ, ସପ୍ତପର୍ଣ୍ଣ, ଶାଳ, ପ୍ରିୟଙ୍ଗୁ, ଶିରିଷ, ନାଗକେଶର, ତମ୍ବୁର, ପାଟଳିକ, ଜାମୁ ଅଶ୍ୱତ୍ଥ, ଦଧିପର୍ଣ୍ଣ, ନନ୍ଦୀବୃକ୍ଷ, ତୀଳକ ତରୁ, ଚୂତ, ଅଶୋକ, ଚମ୍ପକ, ବକୁଳ ଆଦି ବୃକ୍ଷକୁ ବିଭିନ୍ନ ଜୈନ ତୀର୍ଥଙ୍କର ସହିତ ଅବତାରଣା କରାଯାଇଛି । ଉଦୟଗିରି ଓ ଖଣ୍ଡଗିରିରେ ବୃକ୍ଷ ପୂଜାର ପରମ୍ପରା ବର୍ଣ୍ଣନା କରାଯାଇଛି । ନବକଳେବରରେ ନିମ୍ବବୃକ୍ଷରୁ ଦାରୁ ଦେବତା ଓ ଦେବୀଦୁର୍ଗା ପୂଜାରେ ନବପତ୍ରିକା ପ୍ରଚଳନ ବୃକ୍ଷପୂଜାକୁ ଆହୁରି ଋଦ୍ଧିମନ୍ତ କରିଥାଏ, ତୁଳସୀ ହେଉ କି ଚନ୍ଦନ ହେଉ କି କଳସୀ ପୂଜାର ପଂଚପଲ୍ଲବ କି ଖମ୍ବେଶ୍ୱରୀ ଦେବୀପୂଜା ହେଉ କି ସବୁତ ବୃକ୍ଷ । ପ୍ରତି ବୃକ୍ଷଲତା ଗୋଟିଏ ଗୋଟିଏ ଦେବତାଙ୍କର ପ୍ରତିନିଧି ରୂପେ ପୂଜା ପାଇଥାଆନ୍ତି । ଇନ୍ଦ୍ର ଦେବତାଙ୍କର ଖାଣ୍ଡବ ବନ, ରାବଣର ଅଶୋକ ବାଟିକା, ବାଳିର ମଧୁବନ, ଶ୍ରୀକୃଷ୍ଣଙ୍କର ଗିରିଗୋବର୍ଦ୍ଧନ ପୂଜା ସବୁ ତ ବନମହୋତ୍ସବ । ତେଣୁ ସାରା ଦେଶରେ ସରକାର ୧୯୫୦ ମସିହାଠାରୁ ପ୍ରତିବର୍ଷ ଜୁଲାଇ ୧ ତାରିଖରୁ ୭ ତାରିଖ ପର୍ଯ୍ୟନ୍ତ ବନମହୋତ୍ସବ ପାଳନ କରି ଆସୁଛନ୍ତି । ଆମ ପରିବେଶ ଓ ପ୍ରାଣୀ ଜଗତକୁ ସୁସ୍ଥ ନିରାମୟ ରଖିବାରେ ବୃକ୍ଷଲତା ଏକ ପ୍ରମୁଖ ଭୂମିକା ଗ୍ରହଣ କରନ୍ତି । ଜଳଚକ୍ରର ପ୍ରମୁଖ ଭୂମିକା ଗ୍ରହଣ କରନ୍ତି ଆମ ଚତୁଃପାର୍ଶ୍ୱରେ ଥିବା ବୃକ୍ଷଲତାମାନେ । ଆକାଶରୁ ମେଘକୁ ବର୍ଷା କରାଇବାରେ ଏବଂ ପ୍ରାଣୀଜଗତ ପାଇଁ ବିରଳ ଔଷଧ ପ୍ରସ୍ତୁତ କରିବାରେ ବୃକ୍ଷଲତାମାନଙ୍କର ଅବଦାନ ଗୁରୁତ୍ୱପୂର୍ଣ୍ଣ । ତେଣୁ ବୃକ୍ଷ ଆଦିମକାଳରୁ ମଣିଷର ପରମମିତ୍ର । ଆଗକାଳରେ ଯିଏ ଘରଟିଏ କରୁଥିଲା ସେ ପ୍ରଥମେ ଶୁଭବୃକ୍ଷ ତୁଳସୀ, ଗୁଆ, କଦଳୀ, ବେଲ, ନଡ଼ିଆ ଆଦି ବୃକ୍ଷ ଲଗାଉଥିଲା । ଘରର ଅନତି ଦୂରରେ ବଜ୍ରପାତରୁ ରକ୍ଷାପାଇଁ ତାଳଗଛ ଲଗାଯାଉଥିଲା । ଗ୍ରହଦୋଷ ନିବାରଣ ନିମନ୍ତେ ବିଭିନ୍ନ ବୃକ୍ଷର ସାହାଯ୍ୟ ଆଦିମ ଅଧିବାସୀମାନେ ନେଉଥିଲେ । କିନ୍ତୁ ବର୍ତ୍ତମାନ ପରିବେଶ ଅସନ୍ତୁଳନରେ ମାନବଜାତି ଅତିଷ୍ଠ ହୋଇ ପଡ଼ିଛି । ବଣଜଙ୍ଗଲଘେରା ଦେଶ ଆଜି ବିପର୍ଯ୍ୟସ୍ତ ହୋଇପଡ଼ିଛି । ଆମ କେନ୍ଦ୍ର ଓ ରାଜ୍ୟ ସରକାର ବନମାନଙ୍କର ସୁରକ୍ଷା ନିମନ୍ତେ ଅନେକ ପଦକ୍ଷେପ ହାତକୁ ନେଇଛନ୍ତି । ବୃକ୍ଷଲତାମାନଙ୍କର ଉଚିତ ଦେଖାଶୁଣା ତଥା ରକ୍ଷଣାବେକ୍ଷଣ ନିମନ୍ତେ ଏହି ବନଦିବସ ବା ବନମହୋତ୍ସବ ସର୍ବତ୍ର ପାଳନ କରାଯାଉଛି । ବୃକ୍ଷକଟା ଓ ଜୀବଜନ୍ତୁ ଶିକାର ଉପରେ ସରକାରୀ କଟକଣା ରହିଛି । ସରକାରଙ୍କ ସାମାଜିକ ବନ ଯୋଜନା ଏକ ମହତ୍ୱପୂର୍ଣ୍ଣ ଯୋଜନା ଅଟେ । ଏହି ଯୋଜନା ପରିବେଶର ସୁରକ୍ଷା ସହିତ କିଛିଟା ବେକାରୀ ସମସ୍ୟା ଦୂର କରିପାରୁଛି । ବନମହୋତ୍ସବ ସଫଳ ହେଲେ ସବୁଜ ସୁନ୍ଦର ଧରା ହସି ଉଠିବ ।

*“କଲେ ଆମେ ମିଶି ଜଙ୍ଗଲ ସୁରକ୍ଷା*
*ଜୀବ ଜଗତ ସର୍ବେ ହୋଇବେ ରକ୍ଷା ।”*

# —“କିନ୍ନର”—

ଆଖି ଆଗରେ କେତେ ଟ୍ରେନ ଗୋଟେ ପରେ ଗୋଟେ ଚାଲିଥିଲେ, ଆଉ ମୁଁ ରେଳଧାରଣା କଡ ଅନ୍ଧାରରେ ବସି ଭାବୁଥିଲି କି ମତେ ବି ଭଗବାନ ଏମିତି ଟ୍ରେନଟିଏ କରିଦେଲେନି, ମୁଁ ବି କାହାକୁ ଅପେକ୍ଷା ନ କରି ବାସ୍ ବଢ଼ି ଚାଲିଥାନ୍ତି ମୋ ଲକ୍ଷ୍ୟସ୍ଥଳକୁ। ହେଲେ ମତେ ତ ଏଇ ଅନ୍ଧାରରେ ଖରା, ବର୍ଷା, କୋଇଲା ଗୁଣ୍ଡ, ଧୂଳିରେ ଲେସି ହେଉ ଜଡ ଗଛଟେ ଭଳି କରିଦେଲେ, ମୋ ଭାଗ୍ୟରେ ବାସ୍ ଏ ମଣିଷମାନଙ୍କଠାରୁ କଟୁ କଥା, ଅଭଦ୍ର ବ୍ୟବହାର ଓ ଦୟାରେ ଚଳିବା ଲେଖା। ମନେ ନ ପକାଇବାକୁ ଯେତେ ଚେଷ୍ଟା କଲେବି, ଦିନ ସାରା ଏ ଭୁବନେଶ୍ୱରର ବିଭିନ୍ନ ଟ୍ରେନ୍‌ରେ ଖରା, ବର୍ଷାରେ ତାଳି ମାରି ହାତ ପତାଇ, ଲୋକଙ୍କ ଛି ଛାକର ବ୍ୟବହାରରେ ଅଣନିଃଶ୍ୱାସୀ ହେଲେ, ଏଇଠି ସତ୍ୟନଗର ରେଳଧାରଣା କଡ ଜରି ପାଲ ଟଣା ଆମ ବସ୍ତିରୁ ଦୂର ଅନ୍ଧାରରେ ବସିଲେ ଆଖି ଆଗରେ ଗୋଟି ଗୋଟି କଥା ଭାସି



ଚାଲେ, ମୋର ତିନିଟା ଅପା, ତା’ପରେ ମୁଁ ପୁଅ ହେଇ ଜନ୍ମ ହେଇଥିଲି ବୋଲି ମୋ ବାପା-ମା କୁଆଡେ ବହୁତ ଖୁସି ହେଇଥିଲେ, ଆଉ ଆଦରରେ ନା ଦେଇଥିଲେ କୃଷ୍ଣଚନ୍ଦ୍ର। ମୋର ଟିକେ ହେତୁ ହେଲା ପରେ ଅପାମାନେ ଅଭିମାନ କରୁଥିଲେ କି ତୁ ଜନ୍ମ ହେଲା ପରେ ଆମେ ତିନି ଝିଅ ବାପା-ମା ଲାଗି ବୋଝ ହେଇଗଲୁ। ମୁଁ ବି ଘରେ ରଜା ଭଳି ଚଳୁଥିଲି, ମତେ ଅପାମାନଙ୍କ ଭଳି ଟିକିଲି, ନେଲ୍‌ପଲିସି ଲଗାଇବାକୁ ବହୁତ ଭଲ ଲାଗୁଥିଲା। ମା’ ବି କିଛି କହୁ ନ ଥିଲା, ଅପାମାନେ ବି ଖୁସି ହଉଥିଲେ । ସ୍କୁଲ ଯିବା ବୟସ ହେଲା ପରେ ବି ମୋର ଏ ଅଭ୍ୟାସ ଛାଡି ନଥିଲା, ମୋର ଝିଅ ପିଲାଙ୍କ ସହ ସାଙ୍ଗ ହେବା, ତାଙ୍କ ଭଳି କଥା ହେବା କେହି କେବେ ବିରୋଧ କରୁ ନ ଥିଲେ । ହେଲେ ମୁଁ ଯେତେ ଯେତେ ବଡ ହେଲି ଝିଅମାନେ ଆଉ ମୋ ସହ ସାଙ୍ଗ ହେଲେନି, ପୁଅମାନେ ମୋର ଥଟ୍ଟା କଲେ। ମୁଁ ଘରେ ଆସି ଅପାମାନଙ୍କୁ କହିଲେ ସେମାନେ ବି ହସନ୍ତି ମୋ ଉପରେ। ମୁଁ ଅପାର ଡ୍ରେସ୍ ପିନ୍ଧିବାକୁ ଜିଦ୍ କଲେ ମା’ ବି ତାଗିଦ୍ କରିବା ଆରମ୍ଭ କଲେ। ହେଲେ ମୋ ହାତରେ କିଛି ନଥିଲା ଯେମିତି। ମୁଁ ନିଜକୁ ରୋକି ହିଁ ପାରୁନଥିଲି। ଧୀରେ ଧୀରେ ମୋତେ ବନ୍ଧୁବାନ୍ଧବଙ୍କ ଘରକୁ ଯିବା ବି ଭଲ ଲାଗିଲାନି, ଏମିତି ଏମିତି ୧୨ ବର୍ଷ ବେଳକୁ ଗୋଟେ ବାହା ଭୋଜି ଲାଗି ବାପା ସମସ୍ତଙ୍କୁ ରେଡି ହେବାକୁ କହିଥିଲେ। ବାପା ମୋର ସବୁ ଇଚ୍ଛା ପୂରା କରୁଥିଲେ, ମା’ ବି ମୋ କୃଷ୍ଣ କୃଷ୍ଣ ବୋଲି କୋଳେଇ ଧରୁଥିଲା। ହେଲେ ସେ ସନ୍ଧ୍ୟା ମୋ’ ଜୀବନର ଗତିପଥ ବଦଳାଇବାର ସନ୍ଧ୍ୟା ଥିଲା । ସମସ୍ତେ ରେଡି ହୋଇ ଡ୍ରଇଁ ରୁମ୍‌କୁ ଆସି ସାରିଥିଲେ, ମୁଁ ବି ସାନଅପାର ଖୁବ୍ ସୁନ୍ଦର ଗୋଲାପି ଫ୍ରକ ସହ ଗୋଲାପି ଚୁଡି, ଟିକିଲି ଆଉ ଓଠରେ ହାଲ୍କା ଲିପଷ୍ଟିକ୍ ଲଗାଇ ଆସିଥିଲି, ଆଜି ମୋତେ ଦେଖି କେହି ହସିଲେନି, ମୁଁ ଭାବିଲି ବୋଧେ ମୁଁ ବହୁତ ସୁନ୍ଦର ଦିଶୁଛି, କିନ୍ତୁ ବାପାଙ୍କ ଶକ୍ତ ଚାପୁଡା, ଆଜି ଯାଏ ମନେଅଛି । ଭୋଜି ଯିବା ବନ୍ଦ, ମା’ର କାନ୍ଦ ଆଉ ବାପା ଜଲଦି ଡ୍ରେସ୍ ବଦଳା ଆଉ ଚାଲ୍ ମୋ ସାଙ୍ଗରେ ମୁଁ ବି ଗାଲ ଆଉଁସି, ଆଖିରେ ଆଖିଏ ଲୁହ ନେଇ ଭିତରକୁ ଗଲି ଆଜି ଆଉ ଧନରେ ରେଡି ହେଲୁ ଶୁଭିଲାନି। ବାପା ହାତ ଧରି ଭିଡି ଭିଡି ମୋତେ ମାନସିକ ରୋଗ ଚିକିତ୍ସକଙ୍କ ପାଖକୁ ନେଇଗଲେ। ଆଉ ମୋର ପିଲାଦିନରୁ ସେ ଦିନ ଯାଏଁ କରିଥିବା ସବୁ କିଛି କହିଲେ। ଡାକ୍ତର କିନ୍ତୁ କହିଲେ ଏହା ମାନସିକ ରୋଗ ନୁହେଁ, ମୋର ଯାହା ସନ୍ଦେହ ହେଉଛି ଆପଣଙ୍କ ପୁଅ ଗୋଟେ କିନ୍ନର! କିଛି କିଛି କ୍ଷେତ୍ରରେ ହରମୋନ ଅସନ୍ତୁଳନ ହେତୁ ଏମିତି ହୁଏ ଆଜ୍ଞା । ତଥାପି ଆମେ ଥେରାପି କରିବା, ହୁଏତ ସେ ବଦଳିଯିବ । ଆଉ ମୁଁ କାନ୍ଦି କାନ୍ଦି ପଚାରିଥିଲି କିନ୍ନର ମାନେ କ’ଣ? ଏଇଟା କ’ଣ ଗୋଟେ ରୋଗ କି? ମତେ ତ ଖାଲି ଯାହା ଝିଅଙ୍କ ଭଳି ରହିବା, ଝିଅଙ୍କ ସାଙ୍ଗ ହେବା ଭଲ ଲାଗେ, ବାକି ତ ମୋର ଜର, ମୁଣ୍ଡବିନ୍ଧା କିଛି ନାହିଁ, ପାଠ ବି ତ ଭଲ ପଢୁଛି। ରାତିସାରା ଘରେ କାନ୍ଦବୋବାଳି। ଆଉ ଭଗବାନ ମତେ ଯାହା ଦଣ୍ଡ ଦେଇଥିଲେ ତା’ଠାରୁ ବି ଅଧିକା କଷ୍ଟଦାୟକ ଦଣ୍ଡ ବାପା ଦେଲେ। ରାତିରେ ଗୋଟେ ବ୍ୟାଗରେ ଅପାର ସେ ଡ୍ରେସ୍ ଆଉ ୫୦୦ ଟଙ୍କା ରଖି ମୋତେ ଷ୍ଟେସନରେ ଗୋଟେ ଟ୍ରେନ୍‌ରେ ବସେଇ ଦେଲେ, ମୁଁ କେବେ ଟ୍ରେନ୍ ଦେଖି ନ ଥିଲି। ମନେମନେ ଭାବୁଥିଲି ବୋଧେ ସେ କ’ଣ ଥେରାପି ଲାଗି ନଉଛନ୍ତି। ବସି ବସି ମୁଁ କେତେବେଳେ ଶୋଇପଡିଥିଲି। ଆଉ ଆଖି ଖୋଲିଲା ବେଳକୁ ଟ୍ରେନ୍‌ରେ ବାପା ନଥିଲେ। ଟ୍ରେନ୍‌ଟା ଚାଲୁ ନଥିଲା, ତଳକୁ ଓହ୍ଲେଇ ବହୁତ ଖୋଜିଲି। ମୁଁ ବହୁତ କାନ୍ଦିଲି। ମୋ କାନ୍ଦ ଦେଖି କାହାରି ମନରେ ଦୟା ଆସିଲାନି ହେଲେ ମଧୁ ଅପା ଯିଏ ଏବେ ମୋର ସର୍ବେସର୍ବା ସେ ଦୌଡି ଆସି, ଧନରେ କ’ଣ ହେଲା କହି, ପାଣି, ବିସ୍କୁଟ ଖୋଇଦେଲେ। ଆଉ ମନେମନେ ମତେ ଡର ଲାଗୁଥିଲା ଏ କିଏ ଝିଅ ଭଳି ଶାଢ଼ି, ଚୁଡି ହେଲେ କଥା ତ ପୁଅ ଭଳି ଲାଗୁଛି। କିଛି ସମୟ ମୋ କଥା ଶୁଣିସାରି କହିଲେ ଆଉ କାନ୍ଦନା, ମୁଁ ଅଛି ତୋ ମଧୁ ଅପା। ସେ ନେଇଆସିଲେ ଏଇ ବସ୍ତିକୁ... କହିଲେ ଏଠି ତୋର ଯେମିତି ଇଚ୍ଛା ସେମିତି ରହ, ସଜବାଜ କଉଥିରେ କେହି କିଛି କହିବେନି, ଆଉ ମୁଁ ଛୋଟ କୃଷ୍ଣରୁ କୃଷ୍ଣା ଅପା ହେଇଗଲି। ଧୀରେ ଧୀରେ ବୁଝିଲି ଏଠି ସମସ୍ତେ ମୋ ଭଳି କିନ୍ନର.... ତାଳି ବଜେଇବା, ସଜ ହେବା ଏସବୁ ଦେଖି ଦେଖି ଶିଖିଲି । କେତେ ଭଦ୍ର ସମାଜର ଭଦ୍ର ଲୋକ ସଞ୍ଜ ନଇଁଲେ ଆସନ୍ତି ଆମ ବସ୍ତି, ଯାହା ଉପରେ ନଜର ପଡିଲା ଟାଣି ଓଟାରି ତାକୁ ନିଜ ଗାଡିରେ ନେଲେ, ଆଉ ଫେରିଲା ବେଳକୁ ହାତରେ ଦୁଇ କି ଶହେ ଟଙ୍କା ଆଉ ଆଖିରେ ଲୁହ ଥାଏ। ମୋର ବି ଅନେକ ଥର ପାଳି ପଡିଲା.... ପ୍ରଥମେ ପ୍ରତିବାଦ କରୁଥିଲି, ହେଲେ ଟ୍ରେନରେ ଭୋକ ଉପାସ ରହି ଦୁଇ ପଇସା ପାଇବାକୁ କେତେ କ’ଣ ଶୁଣିବାକୁ ହଉଥିଲା। କିଏ କହୁଥିଲା ଶଳେ କାମ କରୁନ, ଗୋଟେ ପାଲା ଚଳେଇଛନ୍ତି, କିଏ ଟିକେ ଦେହ ମୁଣ୍ଡରେ ହାତ ନ ବୁଲେଇବା ଯାଏ ଦଶ ଟଙ୍କାଟେ ଦିଅନ୍ତିନି । କେହି ଆମକୁ ମଣିଷ ହିଁ ଭାବନ୍ତିନି, କି କାମ ଦିଅନ୍ତିନି, ଆଉ ଦିନଜାକର ରୋଜଗାରରୁ ଭାଗ ନେବାକୁ ପୋଲିସ୍‌ଠାରୁ କଳା କୋଟ୍ ବାବୁ ସମସ୍ତେ ଆଗଭର। ନ ଦେଲେ କାଲିଠାରୁ ଟ୍ରେନ୍ ଚଢ଼େଇ ଦବୁନିର ଧମକ। ପୁଣି ମୋର ଏଇ ଟ୍ରେନ୍ ଲାଇନ୍ କଡର ଅନ୍ଧାର ମୋର ପ୍ରିୟ ଜାଗାକୁ ଫେରେ, ଦିନେ ଖାଇଲେ ଦିନେ ନାହିଁ। ମଧୁ ଅପା ଦିନେ ଡାକି ନେଲେ ଆ କୃଷ୍ଣା ଗୋଟେ ବଡବାବୁ ଘରକୁ ଯିବା, ଆମେ ଏଗାର ଜଣ ଯିବା। ତା’ହେଲେ କ’ଣ ଆଜି ଟ୍ରେନ୍‌କୁ ଯିବାନି ଅପା? ଆଉ ଆଜି ବି ଉପାସ! ଆରେ ନା’ ନା ସେ ବଡବାବୁ ଘରେ ପୁଅ ହେଇଛି, ଭଲ ଲୁଗା ଆଉ ପେଟପୁରା ଖାଇବା ସାଙ୍ଗକୁ କିଛି ଟଙ୍କା ବି ମିଳିବ। ପିଲାର ଏକୋଇଶିଆ ତ ଆମ ଆଶୀର୍ବାଦ ପରା ଠାକୁର ଆଶୀର୍ବାଦ ପରି, ସେଠି କେହି କଟୁ କଥା କହିବେନି, ବାସ୍ ଦି, ଚାରିଟା ନାଚ ଶିଖିନେ....କାମରେ ଆସିବ । ମନେ ମନେ କାନ୍ଦୁଥିଲି ଆମ ଆଶୀର୍ବାଦ? ଆମେ ନିଜେ ତ ନିଜ ଲାଗି ଅଭିଶାପ, ଓହୋ ଟ୍ରେନ୍‌ରେ ଥରେ ଥରେ ମହିଳା ଯାତ୍ରୀ ପାଂଚ-ଦଶ ଦେଇ ନିଜ ପିଲାଙ୍କୁ ଟିକେ ଆଶୀର୍ବାଦ କର କୁହନ୍ତି, ଆଉ ମଧୁ ଅପା ଯେମିତି ଶିଖେଇଥିଲେ ମୁଁ ମୋ ଲୁଗା କାନି ପିଲାଙ୍କ ମୁଣ୍ଡରେ ବୁଲେଇ ଆଣେ। ଏମିତି ଏକୋଇଶିଆ ଯିବା ମୋର ପ୍ରଥମ। ପେଟରେ ଭୋକ ଯୋଗୁ କୁଡୁ କୁଡୁ ହେଉଥାଏ, ଏଠି ଭଲ ଖାଇବା ମିଳିବ ବୋଲି ଆମେ କେହି ଚୁଡା ମୁଠେ ବି ଖାଇନଥିଲୁ, ହେଲେ ଆମ ପେଟ କିଏ ଦେଖୁଛି। ଗୋଟେ ପରେ ଗୋଟେ ନାଚର ଫରମାଇସ୍, ସତେ କି ଆମେ ଅଲଗା ଦୁନିଆରୁ ଆସିଛୁ, ସେମିତି ଦେଖୁଥା’ନ୍ତି, ପିଲାଟିକୁ ମଧୁ ଅପା କୋଳକୁ ଦେଇ କହିଲେ ଆଶୀର୍ବାଦ କର। ହଉ ଯାହା କହିବେ କରିବୁ, ପେଟପୁରା ଖାଇବା ଯେ ମିଳିବ। ମୋ ପରେ ମୋ ଭଳି ଆହୁରି କେତେ ପିଲା, ଭଦ୍ର ସମାଜର ଭଦ୍ର ପରିବାରରୁ ତଡା ଖାଇ ଆମ ବସ୍ତିରେ ରହୁଥାନ୍ତି। ମୁଁ ଯେମିତି ୧୨ ବର୍ଷରେ ଆସିଥିଲି ମୋ ବୟସର ମାଧୁରୀ ବି ଆସିଥିଲା । ସେ ବଡ ଆଗ୍ରହରେ କହିଥିଲା କୃଷ୍ଣା ଅପା, ମୋର ଖିରି ଭାରି ପସନ୍ଦ, ମୋ ଲାଗି ଟିକେ ଆଣିବନି? ଆଉ ଛୋଟ ଜରିଟେ ଦେଇଥିଲା । ନାଚି ନାଚି ଦିନ ଦୁଇଟା ହେଲା, ସମସ୍ତେ ଖାଇସାରିଲେଣି, ଆଉ ଆମକୁ ନିର୍ଦ୍ଦେଶ ସବୁ ସରୁ ତମେମାନେ ଖାଇବ। ମୋ ଆତ୍ମା ଚିତ୍କାର କରୁଥିଲା, ଏତେ ଯଦି ଲଜ୍ୟା ତ ଆଶୀର୍ବାଦ ଲାଗି କାହିଁ ଡାକିଥିଲ । ହେଲେ ଚୁପ୍ ରହିଲି, ମନେପଡୁଥିଲା ମାଧୁରୀର ମୁହଁ। ସେ ଯେ ଚାହିଁଥିବ । ପ୍ରାୟ ସାଢ଼େ ତିନିଟାରେ ଖାଇବାକୁ ଡାକିଲେ, ଭାତ ଥିଲେ ଡାଲି ଶେଷ, ତଥାପି ଯାହା ମିଳିଲା ଖାଇ ପକେଇ ମୁଁ କ୍ଷୀରି ଆଡେ ଧାଇଁଲି, ହେଲେ ଛୋଟ ଚା କପ୍‌ରେ ଠିକ୍ ଏଗାରଟି କପ୍ କ୍ଷୀରି ଅଛି, ମୁଁ ମୋ ମା’ ହାତ କ୍ଷୀରିକୁ ସବୁବେଳେ ମନେପକାଉଥିଲି, ହେଲେ ସେଦିନ ହାତ ଗଲାନି ଖାଇଦେବାକୁ, ମୋ ଭାଗଟି ଜରିରେ ପୁରେଇଲି । ମଧୁ ଅପା ସେ ବଡବାବୁଠାରୁ ଟଙ୍କା ଲାଗି ଅପେକ୍ଷାରେ ଥିଲେ, ଆଉ ସେ ବାବୁ ଏକୋଇଶ ଶହ ଟଙ୍କା ଦେଲେ, ଅପା କେତେ କହିଲେ ବାବୁ ଆମେ ଏଗାର ଜଣ ଆଉ ଶହେ ଦେଲେ ସମସ୍ତେ ସମାନ ଟଙ୍କା ପାଆନ୍ତେ, ଦିନସାରା ନାଚିଛୁ ସେ ବାବୁ ବିରକ୍ତ ହେଇ କହିଥିଲେ, ତମଗୁଡାଙ୍କୁ ଯେତେ ଦେଲେ କମ୍ ଲାଗେ.. ଶାଢ଼ୀ, ଖାଇବା ସବୁ ତ ଦେଲୁ ପୁଣି ଦେଖ। ହେ ଯାଅ ଏଠୁ, ମୋ ଆଖି ଆଗରେ ଆଗ ଦିନ ସେଇ ବଡବାବୁର ହାତ ଯୋଡିକି ନମ୍ର ଅନୁରୋଧ ଆଉ ଆଜିର ଏ ବ୍ୟବହାର....ହଁ ଆମେ ପରା ମଣିଷ ନୁହେଁ... ନିଜ ନିଜ ଭିତରେ ବି ସମାନତାର ଅଧିକାର ନାହିଁ, ଆଉ ସମାଜରେ ଆଶା କରିବା ଭୁଲ୍ । ଫେରିଲୁ... ସତରେ ମାଧୁରୀ ରାସ୍ତା ଉପରେ ମତେ ଜଗି ଠିଆ ହେଇଥିଲା। ହଠାତ୍ ଡଲି ଅପାର ଡାକରେ ମୋ ଭାବନା ରାଇଜରୁ



ଫେରିଲି, ଆଲୋ କୃଷ୍ଣା ଆ, ଜଣେ ବଡବାବୁ ଆସିଛନ୍ତି, କାଲି ଯିବା ତାଙ୍କ ନାତି ଏକୋଇଶିଆ। ମୁଁ ଉଠି ଚାଲିଲି, ଭଗବାନଙ୍କ ଏ ବିଚିତ୍ର ନିୟମ... ଆମେ ପରିବାର ଲାଗି ଅଭିଶାପ... ସମାଜ ଲାଗି ବୋଝ.... ଆଉ ଆମେ ଆଶୀର୍ବାଦ ଦେବୁ? ହଠାତ୍ କାହିଁ ମନହେଲା ଡଲି ଅପାକୁ କହିଲି ଅପା ତମେ ଟିକେ ମତେ ଆଶୀର୍ବାଦ କରିଦଉନ, ଏ ଅଭିଶାପରୁ ମୁକୁଳି ଯାଆନ୍ତି। ହସ ହସ ଡଲି ଅପା ବି ଗମ୍ଭୀର ହେଇ ମୋ ହାତ ଧରି କହିଲେ କୃଷ୍ଣା ସେ ଭାଗ୍ୟ ଆମର ନାହିଁଲୋ। ଅନ୍ଧାରରୁ ଆଲୁଅକୁ ଆସିଲା ବେଳକୁ ଆମ ଦୁଇଜଣଙ୍କ ଆଖି ଲୁହରେ ଭର୍ତ୍ତି ଥିଲା, ଆଉ ବଡବାବୁ ଆଗରେ ମୁହଁ ହଲେଇ ତାଳି ମାରି ଠିଆ ହେଇଥିଲୁ, ଆଉ ସେ ବାଛୁଥିଲେ କାହାକୁ କାଲି ଆଶୀର୍ବାଦ ଦେବାର ଯୋଗ୍ୟ ଭାବିବେ ବୋଲି....

## ଭାରତ ସ୍କାଉଟସ୍ ଓ ଗାଇଡସ୍ ସଂଗଠନର ରାଜ୍ୟ ପରିଷଦ ବୈଠକ

ଭୁବନେଶ୍ୱର (ପିଏନ୍): ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍ ସଂଗଠନର ରାଜ୍ୟ ପରିଷଦ ବୈଠକ ଗତ ୨୯ ତାରିଖ ଦିନ ପୂର୍ବାହ୍ନ ୧୧.୩୦ ମିନିଟ୍ ସମୟରେ ରାଜ୍ୟ ମୁଖ୍ୟାଳୟ ସଭାଗୃହରେ ଆୟୋଜିତ ହୋଇଥିଲା । ଏଥିରେ ମାନ୍ୟବର ମନ୍ତ୍ରୀ ଖାଦ୍ୟଯୋଗାଣ ଓ ସମବାୟ ତଥା ସଭାପତି ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍ ଶ୍ରୀଯୁକ୍ତ ଅତନୁ ସବ୍ୟସାଚୀ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ମାନ୍ୟବର ମନ୍ତ୍ରୀ ଜଳସମ୍ପଦ ଓ ବାଣିଜ୍ୟ ପରିବହନ ତଥା ଉପସଭାପତି ଶ୍ରୀମତୀ ଟୁକୁନୀ ସାହୁ, ମାନ୍ୟବର ବିଧାୟକ ଅନନ୍ତ ନାରାୟଣ ଜେନା, ମାନ୍ୟବର ବିଧାୟକ ସୁଶାନ୍ତ କୁମାର ରାଉତ, ଅଧକ୍ଷା ମହିଳା କମିଶନର ଡଃ. (ଶ୍ରୀମତୀ) ମିନତୀ ବେହେରା, ଉପାଧକ୍ଷ, ଅନ୍ତର୍ଜାତୀୟ ସମବାୟ ମତ୍ସ୍ୟ ସଂଗଠନ ଶ୍ରୀଯୁକ୍ତ ଟି. ପ୍ରସାଦ ରାଓ ଦୋରା, ‘ସମାଜ’ର ମୁଦ୍ରାକାର ଓ ପ୍ରକାଶକ ଶ୍ରୀଯୁକ୍ତ ନିରଞ୍ଜନ ରଥ, ରାଜ୍ୟ ମୁଖ୍ୟ କମିଶନର ତଥା ଜାତୀୟ ଉପସଭାପତି ଡଃ କାଳିପ୍ରସାଦ ମିଶ୍ର, ରାଜ୍ୟ କମିଶନର (ଆଡଲ୍ଟ ରିସୋର୍ସ) ଅଶୋକ କୁମାର ରଥ ଏବଂ ବିଭିନ୍ନ ଜିଲ୍ଲାର ଜିଲ୍ଲା ଶିକ୍ଷାଧିକାରୀ, ଶାରୀରିକ ଶିକ୍ଷା ନିରୀକ୍ଷକଙ୍କ ସମେତ ରାଜ୍ୟ ତଥା ଜିଲ୍ଲାସ୍ତରୀୟ ରାଜ୍ୟପରିଷଦର ବହୁ ସଭ୍ୟସଭ୍ୟା ଯୋଗଦେଇଥିଲେ।

## ପାଳସିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ



ବାଲେଶ୍ୱର (ପିଏନ୍)- ବାଲେଶ୍ୱର ଜିଲ୍ଲା ରେମୁଣା ବ୍ଲକ ଅନ୍ତର୍ଗତ କଲ୍ୟାଣପୁର ଗ୍ରାମ ପଞ୍ଚାୟତର ପାଳସିଆ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଜାତୀୟ ଆୟୁଷ ମିଶନ୍ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଅତିଥି ଭାବେ ୩୬ ନମ୍ବର ଜୋନ୍ ଜିଲ୍ଲା ପରିଷଦ ସଭ୍ୟ ଅଭିମନ୍ୟୁ ଧିନ୍ଦା, ରେମୁଣା ମେଡ଼ିକାଲ ଅଫିସର ଇନ୍‌ଚାର୍ଜ ଡ଼ାକ୍ତର ରାମଚନ୍ଦ୍ର କିସ୍କୁ, ସ୍ଥାନୀୟ ସରପଞ୍ଚ ରଞ୍ଜିତା ସାହୁ, ବଡ଼ପାଳ ଗ୍ରାମପଞ୍ଚାୟତ ସରପଞ୍ଚ କମଳଲୋଚନ ପଣ୍ଡା, ରେମୁଣା ମେଡ଼ିକାଲ ଅଫିସର ଡ଼ାକ୍ତର ଅରୁପ କୁମାର, ରେମୁଣା ସିଏଚସି ସଞ୍ଜୟ କୁମାର ପାତ୍ର, ରେମୁଣା ସିଏଚସି. ପିଏଚ୍‌ଇଓ ସୁଲତାନ ଅଲ୍ଲୀ, ପାଳସିଆ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ଆକାଶ ସତପଥୀ ପ୍ରମୁଖ ଯୋଗ ଦେଇ ଦୀପ ପ୍ରଜ୍ୱଳନ ପୂର୍ବକ ଦିବସକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ପାଳସିଆ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଯୋଗ ଶିକ୍ଷୟତ୍ରୀ ମିତାଞ୍ଜଳୀ ମହାରଣା ଅତିଥି ପରିଚୟ ପ୍ରଦାନ କରିଥିଲେ। ମଞ୍ଚାସୀନ ଅତିଥି ମାନେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳନ ଓ ଯୋଗର ଉପକାରିତା ସମ୍ପର୍କରେ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଯୋଗ ଶିକ୍ଷୟିତ୍ରୀ ଶ୍ରୀମତୀ ମହାରଣା ଯୋଗ ପ୍ରଶିକ୍ଷଣ ଦେବା ସହିତ ଏହାର ଉପକାରିତା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ସଭାକାର୍ଯ୍ୟ ଶେଷରେ ଗ୍ରାମବାସୀଙ୍କ ମଧ୍ୟରେ ହୋଇଥିବା ଯୋଗ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀମାନଙ୍କୁ ଅତିଥିମାନେ ସାର୍ଟିଫିକେଟ୍ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପାଳସିଆ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର କର୍ମଚାରୀ ରଞ୍ଜନ କୁମାର ପତି, ରମଣୀ ଚନ୍ଦ୍ର ବେହେରା ତଥା ଗ୍ରାମବାସୀମାନେ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

## ନାରାୟଣ ସେବା ଫାଉଣ୍ଡେସନ ପକ୍ଷରୁ ଯୋଗ ଦିବସ ପାଳନ

ଭୁବନେଶ୍ୱର (ପିଏନ୍): ଆନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ସାମାଜିକ ଅନୁଷ୍ଠାନ ନାରାୟଣ ସେବା ଫାଉଣ୍ଡେସନ ପକ୍ଷରୁ ଏକ ଯୋଗ ଶିବିର ସ୍ଥାନୀୟ ବମିଖାଲ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଶିବ ନାରାୟଣ ମିଶ୍ର ଯୋଗ ଦ୍ୱାରା ଏକାଗ୍ରତା ବଢ଼ିବା ସହିତ ଏହାର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ପାଦିକା ସମିତା ମହାରଣା ମତବ୍ୟକ୍ତ କରି କହିଥିଲେ ଯେ, ଅଧୁନା ସମୟରେ ଯୋଗ, ପ୍ରାଣାୟାମ ସହିତ ମନୁଷ୍ୟ ଜୀବନଶୈଳୀରେ ପରିବର୍ତ୍ତନ ଆଣିପାରିଲେ ଏକ ସୁସ୍ଥ ସମାଜ ଗଠନ ହୋଇପାରିବ। ଭାରତର ଯୋଗ ପରମ୍ପରାକୁ ସାରା ବିଶ୍ୱ ଆଜି ଗ୍ରହଣ କରିଛି। ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ଅରବିନ୍ଦ ତ୍ରିପାଠୀ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୪, ଫେବୃଆରୀ ୨୮

# ଭୁଲ


ଅନୀତା ପଟ୍ଟନାୟକ

ଜଣେ ରାଜା ତାଙ୍କ ମନ୍ତ୍ରୀଙ୍କ ଠାରୁ ଭୁଲ କ'ଣ ? ସେ ବିଷୟରେ ଜାଣିବାକୁ ଚାହିଁଲେ । ମନ୍ତ୍ରୀ କହିଲେ ମହାଭାଗ ! ପ୍ରତ୍ୟେକ ମନୁଷ୍ୟ ଭୁଲର ଶିକାର ହୋଇଥାନ୍ତି । ଅନେକ ସେ ଭୁଲକୁ ସୁଧାରନ୍ତି ଓ ଅନ୍ୟ କେତେକ ତାକୁ ସୁଧାରନ୍ତି ନାହିଁ । ଭୁଲ ପରେ ଭୁଲ କରିଚାଲନ୍ତି । ଛାତ୍ର, ଶ୍ରମିକ, ଶିକ୍ଷକ, ବ୍ୟବସାୟୀ, ବିଚାରପତି, ପ୍ରଶାସକ, ଶାସନକର୍ତ୍ତା ସମସ୍ତଙ୍କ ନିକଟରେ କିଛି ନା କିଛି ଭୁଲ ଦେଖାଇଦେଇଥାଏ ।

ରାଜା ପ୍ରଶ୍ନ କଲେ ଭୁଲ କେତେ ପ୍ରକାରର ? ମନ୍ତ୍ରୀ କହିଲେ ଏହା ଦୁଇ ଭାଗରେ ବିଭକ୍ତ । ଯଥା କ୍ଷମଣୀୟ ଓ ଅକ୍ଷମଣୀୟ । ରାଜା କହିଲେ ଠିକ କହିଛ । ମୋର ମନେ ପଡୁଛି ଜଣେ ବିଦ୍ୱାନ କହିଥିଲେ - 'କ୍ଷମା କଲେ ଝିଅ କ୍ଷମାତ ମିଳଇ କ୍ଷମାର ନ ମିଳେ ଅନ୍ତ' ଏବଂ ମହାଭାରତର ଏକ ଉଦାହରଣ ଦେଇ କହିଥିଲେ ଦ୍ରୌପଦୀଙ୍କର ପଞ୍ଚପୁତ୍ର ହତ୍ୟାପରେ ମଧ୍ୟ ସେ ଅଶ୍ୱତ୍ଥମାଙ୍କୁ ଗୁରୁପୁତ୍ର ଭାବେ କ୍ଷମା କରି ଦେଇଥିଲେ । ସାଧାରଣତଃ ହୃଦୟର ସହ ପଶ୍ଚାତାପ କରିଥିବା ବ୍ୟକ୍ତି, ରାଜକ୍ଷମା ମାଗିଥିବା ବ୍ୟକ୍ତି ଓ ସଂପୂର୍ଣ୍ଣ ରୂପେ ନିଜକୁ ପରିବର୍ତ୍ତନ କରିପାରିଥିବା ବ୍ୟକ୍ତିଙ୍କୁ କ୍ଷମା କରିଦେବା ନିମନ୍ତେ ସୁପାରିଶ ହୋଇଥାଏ । ମନ୍ତ୍ରୀ କହିଲେ ବେଳେ ବେଳେ ଜଣଙ୍କର ଭୁଲ ପାଇଁ ବହୁ ଲୋକ କଷ୍ଟ ପାଇଥାନ୍ତି । ଥରେ ଜଣେ ବ୍ୟକ୍ତିର ଭୁଲ ପାଇଁ କାରଖାନାରୁ ବିଷାକ୍ତ ଗ୍ୟାସ ନିର୍ଗତ ହେବାରୁ ଅନେକ ଲୋକ ପ୍ରାଣ ହରାଇଥିଲେ । ଗୋଟିଏ ଲୋକର ଭୁଲ ପାଇଁ ଅନେକ ସେଥିପାଇଁ ଦଣ୍ଡିତ ହେବାର ନଜିର ଅଛି । ଉଦାହରଣ ସ୍ୱରୂପ ଗୋଟିଏ ମଶା ବା ଓଡ଼ଶ କାମୁଡ଼ିଲେ ଆପଣ ତାଙ୍କର ବଂଶ ନିପାତ ପାଇଁ ଆଦେଶ ଦେଇଥାନ୍ତି । ଗୋଟିଏ ମଶା କାମୁଡ଼ିଲେ ମଧ୍ୟ ମଶା ତେଲ, ଧୂଆଁ ଦେଇ ସମସ୍ତ ମଶାବଂଶ ନିପାତ ପାଇଁ ଆଦେଶ ଦେଇଥାନ୍ତି ।

ମନ୍ତ୍ରୀଙ୍କୁ ରାଜା ପଚାରିଲେ ଭୁଲକୁ ଘୋଡ଼ାଇବା ଉଚିତ କି ? ଉଦାହରଣ ସ୍ୱରୂପ ଶ୍ରମିକଟିଏ ଭୁଲ କଲେ ସେମାନଙ୍କର ଦଳପତି ସମସ୍ତ ଶ୍ରମିକ ଦଣ୍ଡ ପାଇବା ଭୟରେ ଭୁଲକୁ ଘୋଡ଼ାଇଥାନ୍ତି । ସେହିପରି ମା ମଧ୍ୟ ପିଲାମାନଙ୍କର ଭୁଲକୁ ଦଣ୍ଡ ପାଇବା ଭୟରେ ଅନ୍ୟ ମାନଙ୍କ ପାଖରେ ଲୁଚାଇ ଦେଇଥାନ୍ତି । ରାଜା ପଚାରିଲେ ଏପରି ସ୍ଥଳେ ଦୋଷୀ ଦଣ୍ଡ ପାଇବା ଉଚିତ କି ନୁହେଁ ? ମନ୍ତ୍ରୀ କହିଲେ ମହାଭାଗ ! ଦୋଷୀ ଅଳ୍ପ ବହୁତେ ନିଜର ଭୁଲକର୍ମ ପାଇଁ ଦଣ୍ଡ ପାଇବା ଉଚିତ । ଦଣ୍ଡ ଭୟରେ ମନୁଷ୍ୟ ଶିକ୍ଷା କରିଥାଏ ଯେ ଭବିଷ୍ୟତରେ ଆଉ ଭୁଲ କରିବା ଉଚିତ ନୁହେଁ । ଦୋଷକୁ ଘୋଡ଼ାଇଲେ ତାହା ପରବର୍ତ୍ତୀ ଅବସ୍ଥାରେ ଅନେକ ଭୁଲ ସୃଷ୍ଟି କରିଥାଏ । ଗୋଟିଏ ଭୁଲ ପାଇଁ ପ୍ରକୃତରେ ଭୁଲର କର୍ତ୍ତା କିଏ ? ତାକୁ ବାହାର କରିବା ଉଚିତ । ରାଜା କହିଲେ ତୁମେ ଠିକ କହିଛ । ଧଳା ପୋଷାକରେ ଦାଗ ଲାଗିଲେ ତାହା ଯେପରି ଦୃଶ୍ୟମାନ ହୁଏ, ସେହିପରି ଜଣେ ମନୁଷ୍ୟ ଯେତେ ବୁଦ୍ଧିମାନ, ଧନବାନ, ଶକ୍ତିମାନ ହେଲେ ମଧ୍ୟ ଗୋଟିଏ ଛୋଟ ଭୁଲ ପାଇଁ ବଦନାମର ଶିକାର ହୁଏ । ସେଥିପାଇଁ କୁହାଯାଇଛି ବୁଝି ବିଚାରି କାର୍ଯ୍ୟ କଲେ, ପ୍ରମାଦ ନ ପଡ଼ଇ ଭଲେ । ଆମେ ଖୋଲା ମନ ଓ ଖୋଲା ହୃଦୟର ବ୍ୟକ୍ତି ହେବା ଉଚିତ । ଅନ୍ୟର ଦୋଷ ଦେଖିବା ଅପେକ୍ଷା ନିଜର ଦୋଷତୃଟି ଦେଖିବା ଉଚିତ । ମନ ସବୁ ଭୁଲର କାରଣ ସେ ଭୁଲ କଲାବେଳେ ବିବେକର କଥା ଶୁଣିନଥାଏ । ତେଣୁ ମନରେ ଭୁଲ କର୍ମ କରିବା ପାଇଁ ଇଚ୍ଛା ଉଦ୍ରେକ ହେଉ ହେଉ ସେ କଡ଼ଟିକୁ ଛିଣ୍ଡାଇ ଦେବା ଉଚିତ ।

ଆମର ଭୁଲ ନଥାଇ କୌଣସି ବ୍ୟକ୍ତି ଆମକୁ ନିନ୍ଦା କଲେ ଆମେ ତାହାକୁ ଭୃକ୍ଷେପ କରିବା ଉଚିତ ନୁହେଁ । ମନ୍ତ୍ରୀ କହିଲେ ମହାଭାଗ ଆପଣ ଠିକ କଥା କହିଛନ୍ତି । କାରଣ ଆମେ ଭୁଲ ନକରିଥିଲେ ମଧ୍ୟ ଆମକୁ କରାଯାଉଥିବା ନିନ୍ଦାକୁ ଗ୍ରହଣ କଲେ ତାହା ମନରେ ବ୍ୟାକୁଳତା ଓ ଭୟ ସୃଷ୍ଟି କରିବ । ଏପରି ଗ୍ରହଣ କରିଥିବା ବ୍ୟକ୍ତିମାନେ ସାଧାରଣତଃ ମୁହଁ ଫୁଲାଇ ଚାଲିଥାନ୍ତି । ଏପରି ସମୟରେ ଆମେ ଭାବିବା ଉଚିତ ମୋ ପାଖରେ କିଛି ଭୁଲ ନାହିଁ, ଯାହା ଅଛି ସେ ନିନ୍ଦୁକ ପାଖରେ ଅଛି । ମନ୍ତ୍ରୀ କହିଲେ ମହାଭାଗ ! ବିନା ଦୋଷରେ ଜଣେ ଦଣ୍ଡିତ ହେଲେ ସେ ବିଦ୍ରୋହୀ ହୋଇଉଠେ । ସେଥିପାଇଁ କୁହାଯାଏ ଜଣେ ନିର୍ଦ୍ଦୋଷୀକୁ ଦଣ୍ଡ ଦେବା ଉଚିତ ନୁହେଁ ।

କୋମଳମତି ଶିଶୁ ଅନୁକରଣ ପ୍ରିୟ । ସେ ଭୁଲ ଗୁଡ଼ିକ ବଡ଼ ମାନଙ୍କ ଠାରୁ ଶିକ୍ଷା କରିଥାଏ । ସେମାନଙ୍କର ମନର ପରିବର୍ତ୍ତନ ନିତ୍ୟାନ୍ତ ଆବଶ୍ୟକ । ସେଥିପାଇଁ ବିଦ୍ୟାଳୟ ଓ ପାଠଶାଳାରେ ଦଣ୍ଡ ନିରୋଧ ବ୍ୟବସ୍ଥା ଆପଣଙ୍କର ଆଜ୍ଞା ଅନୁସାରେ ପ୍ରଚଳିତ କରାଯାଇଛି । ମନ ଲେଖେ, ଆଙ୍ଗୁଠି, ଲେଖେ ନାହିଁ, ତେଣୁ ଯାହାର ମନ ପରିଷ୍କାର ନୁହେଁ ତାର ଅକ୍ଷର ମଧ୍ୟ ଅପରିଷ୍କାର ହୋଇଥାଏ । ଶିକ୍ଷକମାନେ ବୁଝି ନପାରି କୋମଳମତି ଶିଶୁକୁ ଦଣ୍ଡିତ କରିଥାନ୍ତି । ତେଣୁ ଅଭ୍ୟାସ ବଳରେ ସୁଚିନ୍ତନ ବଳରେ, ବିବେକର କଥା ଶୁଣି ଘୋଡ଼ାର ଆଖିର ବାମ ଓ ଡାହାଣରେ ପଟି ବନ୍ଧାଯାଇ ଯେପରି ତାକୁ ସିଧାରାସ୍ତାରେ ଚାଲିବାକୁ କୁହାଯାଇଥାଏ, ମନୁଷ୍ୟ ସେହିପରି ନିଜକୁ ଅଭ୍ୟାସ କରାଇପାରିଲେ, ସେ ଜାଣତରେ ଭୁଲ କରିବ ନାହିଁ । ମନୁଷ୍ୟ ଅଜାଣତରେ ଯେଉଁ ଭୁଲ କରିଥାଏ, ସେଥିପାଇଁ ଶୋଇବା ପୂର୍ବରୁ କ୍ଷମା ପ୍ରାର୍ଥନା ବୋଲି ଶୋଇବା ଉଚିତ ତାହା ହେଉଛି -

'କରଚରଣ କୃତଂବାକ୍ କାୟଜଂ କର୍ମଜଂବା
ଶ୍ରବଣ ନୟନଜଂବା ମାନସଂ ବା ପରାଧମ
ବିହିତଂ ଅବହିତଂ ସର୍ପ ମେତତ୍ କ୍ଷମସ୍ୱ
ଜୟ ଜୟ କରୁଣାବଧେ ଶ୍ରୀ ମହାଦେବ ଶମ୍ଭୋ ।'

*ଅବସରପ୍ରାପ୍ତ ପ୍ରଧାପିକା, ସେକ୍ଟର-୧୦, ସିଡିଏ, କଟକ, ଦୂରଭାଷ : ୯୬୯୨୯୮୦୦୨୬*

# ନିର୍ଣ୍ଣାୟକ ହେବେ ଯୁବ ଭୋଟର


ଡ଼ଃ.ଅରୁନ୍ଧତୀ ଦେବୀ

ନିର୍ବାଚନର ସରଗରମ ପରିବେଶ ଦେଖାଗଲାଣି । ରାଜନୈତିକ ଦଳମାନେ ମଧ୍ୟ ନିଜକୁ ପ୍ରସ୍ତୁତ କଲେଣି । ଆଗାମୀ ସାଧାରଣ ନିର୍ବାଚନରେ ୯୬.୮୮ କୋଟି ଲୋକ ମତଦାନ କରିବା ପାଇଁ ପଞ୍ଜିକୃତ ହୋଇଛନ୍ତି ବୋଲି ନିର୍ବାଚନ ଆୟୋଗ ଘୋଷଣା କରିଛନ୍ତି । ଏଥିସହ ୧୮ରୁ ୨୯ ବର୍ଷ ବୟସ ବର୍ଗର ୨କୋଟିରୁ ଅଧିକ ଯୁବ ଭୋଟରଙ୍କୁ ଭୋଟର ତାଲିକାରେ ସାମିଲ କରାଯାଇଛି । ନୂଆ ଭୋଟର ତାଲିକା ଅନୁଯାୟୀ ମହିଳା ଭୋଟର ପଞ୍ଜିକରଣ ବୃଦ୍ଧି ପାଇଛି, ଯାହା ନିର୍ବାଚନ ଢ଼ାଞ୍ଚା ମଧ୍ୟରେ ଲିଙ୍ଗଗତ ସମାନତାକୁ ଏବଂ ଅନ୍ତର୍ଭୁକ୍ତିକରଣ ଦିଗରେ ଏକ ମିଳିତ ପ୍ରୟାସକୁ ଦର୍ଶାଉଛି । ମତଦାତା ତାଲିକାରେ ୨.୬୩ କୋଟିରୁ ଅଧିକ ନୂଆ ଭୋଟରଙ୍କୁ ସାମିଲ କରାଯାଇଛି । ସେମାନଙ୍କ ମଧ୍ୟରୁ ପ୍ରାୟ ୧ କୋଟି ୪୧ ହଜାର ମହିଳା ଭୋଟର ଅଛନ୍ତି । ଏମାନଙ୍କ ସଂଖ୍ୟା ନୂଆ ଭାବେ ପଞ୍ଜୀକୃତ ହୋଇଥିବା ପୁରୁଷ ଭୋଟରଙ୍କ ଠାରୁ ୧୫ ପ୍ରତିଶତ ଅଧିକ । ୨୦୨୪ ସାଧାରଣ ନିର୍ବାଚନରେ ଯୁବ ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ପ୍ରତିଟି ଦଳ ନିଶ୍ଚିତ ଭାବେ ଚେଷ୍ଟା କରିବେ । ତେଣୁ ବିରୋଧୀ ଦଳଗୁଡ଼ିକ ସବୁବେଳେ ବେରୋଜଗାରୀକୁ ଅସ୍ତ୍ର କରିବେ । ଆମ ଦେଶରେ ବେକାରୀ ବଢ଼ିଛି । କରୋନା କାଳରେ ଅନେକ ଯୁବକ ଚାକିରି ହରାଇଛନ୍ତି । ତେଣୁ ଏ ସଂଖ୍ୟା ଏବଂ ସମସ୍ୟାର ସମାଧାନ ଆଶାନୁରୂପକ ଭାବେ କରାଯାଇନି । ୧୮ରୁ ୨୯ ବର୍ଷ ବର୍ଗର ଯୁବ ଭୋଟରଙ୍କ ସଂଖ୍ୟା ୨ କୋଟି । ଏ ବୟସର ଯୁବକମାନେ ପାଠ ପଢୁଥାନ୍ତି କିମ୍ବା ପାଠ ପଢ଼ିସାରି ଚାକିରି ଅନ୍ୱେଷଣରେ ଥାଆନ୍ତି । ଏମାନଙ୍କୁ କର୍ମ ସଂସ୍ଥାନ ଯୋଗାଇବାରେ ସରକାର କେତେ ସଫଳ ହୋଇପାରିବେ ତାରି ଉପରେ ସବୁ ନିର୍ଭର କରିବ । ଆଉ ଏକ ପ୍ରସଙ୍ଗ ହେଉଛି ଚାକିରି ଏବଂ କର୍ମ ସଂସ୍ଥାନ ଏକାକଥା ନୁହେଁ । ଯେକୌଣସି କାମ କରି ଅର୍ଥ ଉପାର୍ଜନ କରିହେବ ସତ କିନ୍ତୁ ଯେଉଁମାନେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ପାଠ ପଢୁଛନ୍ତି ଏବଂ ନିଜ ପସନ୍ଦର ଚାକିରି ପାଇବେ ବୋଲି ଆଶା ବାନ୍ଧିଛନ୍ତି ସେମାନେ କେବେହେଲେ ଯେକୌଣସି କର୍ମସଂସ୍ଥାନକୁ ଆପଣେଇ ପାରିବେ ନାହିଁ । ନିଜ ସ୍ୱପ୍ନ ପୂରଣ ନ ହେଲେ ସେମାନେ କେତେ ଖୁସି ହୋଇପାରିବେ ସେଇଟା ହିଁ ମୂଳ ପ୍ରଶ୍ନ । ଇଂଜିନିୟରିଂ ପାଠ ପଢ଼ିଥିବା ଯୁବକ ଜଣକ ବ୍ୟବସାୟ କରିବାକୁ କାହିଁକି ଚାହିଁବ ? ତେଣୁ ମନଲାଖି ଚାକିରି ପାଉନଥିବା ଯୁବକ ମାନଙ୍କୁ କିଭଳି ସନ୍ତୁଷ୍ଟ କରିହେବ ସେଇଟା ବୋଧେ ରାଜନୈତିକ ଦଳ ମାନଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ହେବ । ବିରୋଧୀ ଦଳ ଯୁବ ଭୋଟର ମାନଙ୍କୁ ନିଜ ଆଡ଼କୁ ଟାଣିବା ପାଇଁ ଚାକିରି ଏବଂ କର୍ମ ସଂସ୍ଥାନ ଯୋଗାଇବାର ଲୋଭ ଦେଖାଇବା ସ୍ୱାଭାବିକ । ବେକାରୀ ଦୂରୀକରଣ ସେମାନଙ୍କ ନିର୍ବାଚନ ଇସ୍ତାହାରରେ ରହିଲେ ହିଁ ସେମାନେ ଯୁବକମାନଙ୍କୁ ପ୍ରଭାବିତ କରିପାରିବେ । ଆଉ ରହିଲା ୧କୋଟି ୪୧ ଲକ୍ଷ ମହିଳା ଭୋଟରଙ୍କୁ କିଭଳି ପ୍ରଭାବିତ କରିହେବ । ଏମାନଙ୍କୁ ମହିଳା ସଂରକ୍ଷଣର ଲୋଭ ଦେଖାଇପାରନ୍ତି ରାଜନୈତିକ ଦଳ ଗୁଡ଼ିକ । ମହିଳା ମାନଙ୍କୁ ବିଭିନ୍ନ କ୍ଷେତ୍ରରେ ଯେତେ ଅଧିକ ସଂରକ୍ଷଣ ଦେବାର ଘୋଷଣା ଯେଉଁ ଦଳ କରିବ ସେ ମହିଳା ଭୋଟରଙ୍କୁ ସେତେ ପ୍ରଭାବିତ କରିପାରିବ । ତେଣୁ ଯୁବ ଏବଂ ମହିଳା ଭୋଟରମାନେ ହିଁ ଆଗାମୀ ସାଧାରଣ ନିର୍ବାଚନରେ ଫଳାଫଳକୁ ନିୟନ୍ତ୍ରଣ କରିବାର ସମ୍ଭାବନା ଅଧିକ । ନିଜର ମୂଲ୍ୟବାନ ଭୋଟ ଖଣ୍ଡିକ କୌଣସି ପରିସ୍ଥିତିରେ ବିକ୍ରି କରନ୍ତୁ ନାହିଁ । ରାଜନୀତିରେ ମୂଲ୍ୟବୋଧକୁ ଦେଖନ୍ତୁ, ନିଜ ଅଞ୍ଚଳର ଅଭାବ ଅସୁବିଧାକୁ ନିରାକରଣ କରିପାରୁଥିବା ଆଉ ଉତ୍ତମ ବ୍ୟକ୍ତିତ୍ୱ ସମ୍ପନ୍ନ ଲୋକପ୍ରତିନିଧିଙ୍କୁ ନିର୍ବାଚିତ କରିବା ପାଇଁ ଚେଷ୍ଟା କରନ୍ତୁ । ଯୁବ ବର୍ଗ ବିଶେଷକରି ନିଜ କର୍ମ ସଂସ୍ଥାନ କ୍ଷେତ୍ରକୁ ଚିନ୍ତା କରି ଯୁବ ବର୍ଗ କିପରି ବ୍ୟାପକ କର୍ମ ନିଯୁକ୍ତି ପାଇବେ ଏହାକୁ ରାଜନେତାଙ୍କ ପାଖରେ ପ୍ରସଙ୍ଗ କରି ଉତ୍ତର ମାଗନ୍ତୁ । କାରଣ ଭାରତର ଅନେକ ଯୁବ ବର୍ଗ ଏବେ ବି କର୍ମ ନିଯୁକ୍ତି ଠାରୁ ଦୂରେଇ ରହିଛନ୍ତି । ସେମାନଙ୍କ ପାଇଁ କର୍ମ ନିଯୁକ୍ତି, ସୁଯୋଗ ହୋଇପାରୁନାହିଁ ଏବଂ ଅନେକ ଚାକିରି ମଧ୍ୟ ଖାଲି ପଡୁଛି ତେଣୁ ଯୁବ ବର୍ଗ ଏହାକୁ ଗୁରୁତ୍ୱ ଦେଇ ଉପଯୁକ୍ତ ରାଜନେତା ଚୟନ କରନ୍ତୁ ।

*ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦*

# ଶ୍ରୀରାମ, ଶ୍ରୀକୃଷ୍ଣଙ୍କୁ ଆପଣଙ୍କର ଗୃହରେ ସମ୍ଭବ କରାନ୍ତୁ


ଉତ୍କଳାନନ୍ଦ ଅଜୟ କୁମାର ବେହେରା

ଏହା କେମିତି ? ଆପଣ ଜାଣିଛନ୍ତି ଏପରି ଏକ କାବ୍ୟ ଅଛି ଯାହାର ନାମ କୁମାର ସମ୍ଭବ । କୁମାର ଅର୍ଥ କାର୍ତ୍ତିକେୟ ସେ ଅତି ସୁନ୍ଦର ଯୁବକ, ଶିବ ପାର୍ବତୀଙ୍କର ପୁତ୍ର । ଶିବ ଜଣେ ନକୁଳ, ତାଙ୍କର କୁଳ ନାହିଁ ଅର୍ଥାତ୍ କୁଳୀନ ନୁହଁନ୍ତି । ତାଙ୍କର ଠିକଣା ନାହିଁ, ଘର ନାହିଁ, ବାସ ନାହିଁ, ଭୋଜନ ପାନ କଥା ନକହିଲେ ଭଲ । ଏମିତିକା ଲୋକଙ୍କୁ ଜଣେ ଅନିନ୍ଦ୍ୟ ସୁନ୍ଦରୀ ରାଜକନ୍ୟା ବିଭା ହେବାକୁ ମାନସ କଲେ । ଚକ୍ଷୁ ବୁଜିଲେ ସଂସାର ମାୟା ଧରିବା ମୁସ୍କିଲ ଶିବ ସର୍ବଦା ଚକ୍ଷୁ ବୁଜି ଧ୍ୟାନରତ । ଏ ସମୟରେ ନିଜ ଶରୀର ଜ୍ଞାନ ନାହିଁ । ଖରା ବର୍ଷା ଶୀତ ଜ୍ଞାନ ନାହିଁ କ୍ଷୁଧା ତୃଷ୍ଣାର ଜ୍ଞାନ ନାହିଁ । ଏହା ପୁଣି ଦିନେ କିଏ ନୁହଁ ବର୍ଷ ବର୍ଷ ଦରି ଧ୍ୟାନତପସ୍ୟା ଲୟ ଚାଲିଛି । ଏପରି ଯୋଗୀ କେହି ଦେଖି ନଥିବେ । ସଂସାର ବଡ଼ ସାଧକରେ ଏହାପରି କେହି ନାହିଁ । ଏ ଯୋଗ ବିଭୁତିରେ ନିଷ୍ଟେ ମଣ୍ଡିତ । ଏପରି ବ୍ୟକ୍ତିକୁ ସ୍ୱାମୀ ଆକାରରେ ପାଇବା ବି ଏକ ସାଧନା, ଏ ସାଧନା ପାଇଁ ବି କଠୋରବ୍ରତ ଆବଶ୍ୟକ । ତ୍ୟାଗ ବି ଆବଶ୍ୟକ, ସମୟ ଦେବା ଆବଶ୍ୟକ, ନିଦ୍ରା ଆଳସ୍ୟ ଛାଡ଼ିବା ଆବଶ୍ୟକ । ଏପରି ସାଧନା ପାର୍ବତୀ ପର୍ବତ ରାଜକୁମାରୀ କରିବା ସଂକଳ୍ପ ନେଇ ଆରମ୍ଭ କଲେ ସାଧନା, ଏପରିକି ସେ ସବୁ ଖାଦ୍ୟ ଛାଡ଼ିଲେ, ଶୁଦ୍ଧିଖାଦ୍ୟରେ ଗଣଶ କିଛି ପତ୍ର ତାକୁବି ଛାଡ଼ିଲେ, ତାଙ୍କ ମାଆ ଝିଅର ଏପରି ତପ ଦେଖି ଏହାକୁ ବାରଣ କରି କହିଲେ ଉମା ଏହାର ଅର୍ଥ ଏପରି କରନାହିଁ ମାଆ । ସେ ପତ୍ରାଦି ଭୋଜନ ଶାଗପତ୍ର ପର୍ଣ୍ଣ କରୁନଥିଲେ ସେ ଡାକରେ ଆସିଲେ ଅପର୍ଣ୍ଣା । ଏପରି ସାଧିକା ସେ ତାଙ୍କ ଜ୍ଞାନବଳରେ ଏହି କଠୋର ତପସ୍ୱୀଙ୍କୁ ଚିହ୍ନି ପାରିଥିଲେ । ଆଖି ଖୋଲିଲେ ମାୟା ଧରିବ ଏପରି ଲୋକକୁ ପାଇବା ପାଇଁ ଯାହା ସମୟ ଲାଗୁ ସେ ପ୍ରତୀକ୍ଷା କରିଚାଲିଥିଲେ । ଦେବତାଙ୍କର ତ୍ରାସ ବି ଅଛି, ତେବେ ସର୍ବଦା ନୁହଁ । ମଧ୍ୟରେ ମଧ୍ୟରେ ଆସେ । ଏମିତି ଆସିଥିଲା ଦେବତ୍ରାସ ଏକ ଦୁର୍ଦ୍ଦାନ୍ତ ଅସୁର ଇନ୍ଦ୍ରଙ୍କ ସିଂହାସନ ଉପରେ ନଜର ପକାଇ ସୁଧର୍ମା । ଦଖଲକୁ ଆଗଭର ଥିଲା । ଇନ୍ଦ୍ରାଣି ସଙ୍ଗ ଚାହିଁଥିଲା । ସ୍ୱର୍ଗ ନର୍ତ୍ତକୀ ଗନ୍ଧର୍ବଙ୍କ ନୃତ୍ୟ ସଂଗୀତ ପ୍ରତି ଆକୃଷ୍ଟ ହୋଇଥିଲା । ଏପରି ସ୍ଥଳେ ଏକ ବ୍ୟକ୍ତି ଜଣେ ଏପରି ଜନ୍ମ ଜାତକ ହେବା ଦରକାର ଯେ ଏ ଅସୁରକୁ ମାରିବା ସହିତ ଭବିଷ୍ୟତର ଅସୁର ତ୍ରାସ ହୋଇପାରିବ । ଏ ମହାନ କେବଳ ଶିବ ପାର୍ବତୀଙ୍କର ମିଳନରୁ ସମ୍ଭବ । ବିଭିନ୍ନ ଉପଚାର ଦେବତାମାନେ କରି କଠୋରକୁ ତରଳୀ ଚେଷ୍ଟା କରି କରି ବିଫଳ ବେଳେ କାମ ଦେବ କନ୍ଦର୍ପଙ୍କ ଦ୍ୱାରା ଏପରି ଏକ କୁଚ୍ଛଚେଷ୍ଟା କଲେ କାମଦେବଙ୍କର ସହଚର ବସନ୍ତ ଋତୁ ଯାହା ମକର ରବିରୁ ମୀନ ରବି ଶେଷ ଯାଏ ଏ ପ୍ରତିବର୍ଷ ଭୋଗ ହୁଏ । ମକର ମାସରେ ବସନ୍ତପଞ୍ଚମୀ ଠାରୁ ଚୈତ୍ର ପୂର୍ଣ୍ଣିମା ଯାଏ ବସନ୍ତ ଋତୁ । ମକର ମାସର ଚିହ୍ନ ମକର ଏହା ମର କେତନଙ୍କର ଅଧିକାର ଯାହା କନ୍ଦର୍ପଙ୍କର ଏକ ନାମ କେତନ ଅର୍ଥ ପତାକା ମୀନକେତନ ଏହାବି କନ୍ଦର୍ପଙ୍କର ଅଧିକାର, ମକର ଚିହ୍ନିତ ପତାକାକୁ ମୀନ ଚିହ୍ନିତ ପତାକା । ଏହି ବସନ୍ତ ଋତୁ ଏପରି ସ୍ଥିର ସମୟରେ ଥିବାବେଳେ ଅକଳ ବସନ୍ତ ବହିବା ଏକ ଭିନ୍ନ ଶକୁନା । ଏହି ଶକୁନ ପାଞ୍ଚଟି ଫୁଲର ବାସ୍ନା ଆଣେ ପ୍ରଥମେ ଆମ୍ବର ପରେ ପରେ ଆଉସବୁ । ଅଦିନରେ ଏହି ପୁଷ୍ପ ସୁରଭି ବୋହିବା ଅର୍ଥ ଅଦିନରେ ଏହି ଗଛ ମାନ ଫୁଲ ଫଳ ଧରିବା ଏହା ଅପଶକୁନ । ଅପଶକୁନ ଶରଧାରେ ବିବାହ କରେ । ଭାବନାର ଓଲଟକରେ । ଚେତନାରେ ବିଭ୍ରାଟ କରେ । ପିଲାପାଠପଢ଼ା ଏକ ଯୋଗ ସାଧନା ଏହା ଅପଶକୁନରେ ପଡ଼ିଲେ ପାଠପଢ଼ାରୁ ମନ ଅପସରି ଯାଏ । ରମ୍ଭା ମେନକା ଉର୍ବଶୀ ପରି ପରମା ଯୁବତୀ ଉର୍ଜ୍ଜ ମନରେ ମାରନ୍ତି । କାମ ଚେତନା ତପଃ ଭଙ୍ଗ କରେ । ଏପରି ଶିବଙ୍କର ହେଲା ସେ ଚକ୍ଷୁ ଖୋଲି ଦେଖିଲେ ଯେତେବେଳେ ପାର୍ବତୀ ତାଙ୍କୁ ଫୁଲହାର ପିନ୍ଧାଉଥିଲେ । ଏହି ପୁଷ୍ପମାଲ୍ୟ, ପୁଷ୍ପକେତୁ (କେତୁ ଅର୍ଥ ଧ୍ୱଜା) ଶଙ୍କରଙ୍କ ଉପରେ କନ୍ଦର୍ପର ଜିତାପଟ ହେଲା । କାମାତୁରରେ ଶଙ୍କର ଜର୍ଜ୍ଜରିତ ହେଲେ, ୧ମ ନଜରରେ ମାନସ ଅତି ସୁନ୍ଦର କନ୍ଦର୍ପ ଠାରେ ରହିଗଲା । ସେ କନ୍ଦର୍ପ ଠାରୁ ଆହୁରି ସୁନ୍ଦର ସନ୍ତାନ ଚିନ୍ତନ କରି ପାର୍ବତୀଙ୍କ ସହିତ ମିଳିତ ହେଲେ ଜନ୍ମ ନେଲେ କାର୍ତ୍ତିକ ଅତିସୁନ୍ଦର । ହେଲେ କନ୍ଦର୍ପ ବିଲୁପ୍ତ ହେଲେ ପରେ କନ୍ଦର୍ପଙ୍କ ପତ୍ନୀ ରତିର ଅନୁରୋଧରେ ସେ ଅନଙ୍ଗ ହେଲେ ଯେ ଅଙ୍ଗେ ଅଙ୍ଗେ ସ୍ଥାନ ପାଇଲେ । ଏଇ କାର୍ତ୍ତିକଙ୍କୁ କୁମାର କୁହାଯାଏ । ଶିବ ପାର୍ବତୀ ମିଳନରେ କନ୍ଦର୍ପରୁ ସୁନ୍ଦର, ଶରୀର କୁମାର ଜନ୍ମ ସେ ଦୁର୍ଦ୍ଦାନ୍ତ ଅସୁର ନାଶକାରୀ ଏହାପରେ ଦେବରଷି ସବୁ ମନୁଷ୍ୟଙ୍କର ଉପାସ୍ୟ ଏପରିକି ସେ ଦେବଗୁରୁ ବ୍ରହ୍ମାଙ୍କର ଭ୍ରମ ଭଙ୍ଗକାରୀ ଥିଲେ । ଏମିତି ଶକ୍ତିଙ୍କୁ କାଳିଦାସ ସଂସାର ଉପାସନାର ମନ୍ଦିର ବସାଇବାକୁ ଚାହିଁଥିଲେ । ଅନେକ ଚେଷ୍ଟାରେ ସେ ଧନୀ ରାଜାଙ୍କୁ ଅନୁରୋଧ କରି ବିଫଳ ହୋଇଥିଲେ ନିଜେ ସେହିପରି ଧନୀ ବା ଅର୍ଥର ମାଲିକ ନଥିଲେ । ତାଙ୍କର ଉଦ୍ଦେଶ୍ୟ ଏପରି ପୂରଣ ହେଲାନାହିଁ । ପରେ ସେ ସଂକଳ୍ପ କରି ଏକ କାବ୍ୟ ଲେଖିଥିଲେ ଯାହାର ନାମ କୁମାର ସମ୍ଭବ । ଯାହା ସଂସ୍କୃତ ସାହିତ୍ୟର ଅମର ଗ୍ରନ୍ଥ । କାଳିଦାସଙ୍କ ମାନସ କୁମାର ସମ୍ଭବ । ଏପରି ଚିନ୍ତନରୁ ହୋଇଥିଲା ।

ଅତଏବ ଆପଣ ଶ୍ରୀରାମ ଶ୍ରୀକୃଷ୍ଣଙ୍କର ଭବ୍ୟ ମନ୍ଦିର ଗଢ଼ାରେ ମନ ଦେଇ ସମୟ ବିତାନ୍ତୁ ନାହିଁ । ହରେ କୃଷ୍ଣ ହରେ ରାମ ମନ୍ତ୍ର ଗୁରୁଙ୍କ ଠାରୁ ନେଇ ଜପ ଆରମ୍ଭ କରନ୍ତୁ ଅପୂର୍ବ ଫଳ ହାତେ ହାତେ ପାଇବେ । ଯାହା କଳିଯୁଗର ତାର ବ୍ରହ୍ମ ନାମ । ଏଥିରୁ ସବୁ ପାଇବେ । ଧର୍ମ ଅର୍ଥ କାମ ମୋକ୍ଷ ସବୁ ମିଳିବ । ଏହା ମନରେ ସ୍ଥାପନା ଗୃହରେ ବିସ୍ଥାପନ କରି ପାରିବେ ଗୃରେ ଏ ଦୁଇଙ୍କର ଫଟୋ ରଖିଲେ ମନରେ ଶାନ୍ତି ମିଳିପାରିବ । ନାମୀ ଠାରୁ ନାମ ମୂଲ୍ୟବାନ, ମୂର୍ତ୍ତି ଠାରୁ ଫଟୋ ଠାରୁ ତାଙ୍କର ମହିମା ନାମ ମୂଲ୍ୟବାନ । ବ୍ୟକ୍ତିଠାରୁ ତାଙ୍କର କୀର୍ତ୍ତି ମୂଲ୍ୟବାନ କୃତି । ଯୋଗୀ, କ୍ଷତ୍ରୀୟଙ୍କର ରାଜାଙ୍କର କୀର୍ତ୍ତି, ଜନହିତକର କାମ ବହୁଜନ ହିତାୟ କାମ ସର୍ବଦା ନଜିରରେ ରହି ତାଙ୍କୁ କୀର୍ତ୍ତିମାନ ଅମର ରଖିଥାଏ । ମାନବ ଶରୀରରେ ନଶ୍ୱର ଦୀର୍ଘସ୍ଥାୟୀ ନୁହଁ, ତାଙ୍କର ଦେହାନ୍ତ ସ୍ୱର୍ଗବାସୀ ପରେ ତାଙ୍କର ପ୍ରତିମାଠାରୁ ପ୍ରତିଭାର ମହତ୍ୱ ଅଛି ବୋଲି ସେ ସ୍ମରଣୀୟ । ଅତଏବ ତାଙ୍କର ନାମ ସ୍ମରଣରେ ହରଣ କାରୀଶକ୍ତିକୁ ମନନ କଲେ, ଜପ କଲେ, ଭଜିଲେ, ଲୋକଙ୍କର ଚିନ୍ତନରେ ବିକାର ନରହିପାରେ, ଦିବ୍ୟ ଆନନ୍ଦ ଓ ଦିବ୍ୟପ୍ରେରଣା, ମିଳିପାରେ । ଏପାଇଁ କାହାରି ପଇସାଟିଏ ଖର୍ଚ୍ଚ ହୁଏନାହିଁ । କେବଳ ସମୟ ଖର୍ଚ୍ଚ ହୋଇପାରେ, ମିତି କେତେ ସମୟ ପରଚର୍ଚ୍ଚା ବୃଥା ଭାବନାରେ କାଟେ । ଏହା କରିବା ଦ୍ୱାରା ସମୟ ଅମୃତୀକରଣ ହୁଏ । ଅନ୍ୟ କର୍ମ ବେଳେ ବି ଚିନ୍ତନ କରାଯାଇପାରେ । ଅତଏବ ମନେ ମନେ ଜପ ତପ କରନ୍ତୁ । ଗୃହେ ଗୃହେ ତାଙ୍କର ପ୍ରତିଭା ଚିନ୍ତନ କରନ୍ତୁ ତାଙ୍କର ଛବି ପ୍ରତିକୃତି ରଖି ପାରନ୍ତି । ଏମିତି ବାଧ୍ୟବାଧକତା ନାହିଁ । ପୁଣି ମୂର୍ତ୍ତି ଛବି ଘରେ ରଖି ତାଙ୍କ ମହିମାର ବିରୁଦ୍ଧାଚାରୀ ହୋଇ କାମ କଲେ କିଛି ଲାଭ ହୁଏନାହିଁ । ଏପରିକି ଭବ୍ୟ ମନ୍ଦିରକୁ ଯାଇ ଅନେକ ଅର୍ଥ ଅଜର୍ଡ଼ିଲେ କେହି ବଡ଼ ଭକ୍ତ ହୋଇଯାଏନାହିଁ । ତାଙ୍କର ଆଦର୍ଶକୁ ପ୍ରାଧାନ୍ୟ ଦେଲେ ହୁଏତ ଏପରି ମୁକ୍ତି, ଦୈବୀ ଅନୁକମ୍ପା ମିଳିପାରେ ।

ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ

# ବିଜେଡି ମୁହାଁ ନେତା : ବିଜୟର ଗ୍ୟାରେଣ୍ଟି ଶଙ୍ଖ


ବାଦଲ ଭୂୟାଁ

ମୁଣ୍ଡ ଉପରେ ନିର୍ବାଚନ । ମେଣ୍ଟ ହେବ କି ନହେବ, କାହା ଭିତରେ ହେବ, ସେ ସବୁ ରାଜନୀତିର ଗୁଡ଼ି ଉଡା କଥା । କିନ୍ତୁ ଏକାବେଳେ ଦେଶରେ ଲୋକସଭା ଓ କିଛି ରାଜ୍ୟ ଭିତରେ ଓଡ଼ିଶାର ବିଧାନସଭା ନିର୍ବାଚନ ରହୁଥିବାରୁ ଓଡ଼ିଶା ରାଜନୀତିରେ ତ ଅନେକ ଗୁଡ଼ି ଉଡୁଛି । ଦଳ ବଦଳ, ନେତାଙ୍କ ଡିଆଁ ଡିଇଁ, ଆଉ ମନ ମାଳିନ୍ୟ ଭୁଲି ଦଳକୁ ଘର ବାହୁଡ଼ା ପର୍ବ ଚାଲିଛି । ଓଡ଼ିଶାରେ ମୁଖ୍ୟତଃ ତିନୋଟି ଦଳ ଭିତରେ ସବୁବେଳେ ଲଢ଼େଇ ହୁଏ । ତେବେ ବିଜେପି, କଂଗ୍ରେସ ଓ ବିଜେଡ଼ି ଭିତରେ ସବୁଠାରୁ ଅଲଟାଇମ୍ ଇଲେକ୍ସନ ପାଇଁ ରେଡ଼ି ଥିବା ଦଳ ହେଉଛି ବିଜେଡ଼ି । ଆଉ ଓଡ଼ିଶାରେ ବିଜେଡ଼ି ଯେଉଁପରି ଅଭୂତପୂର୍ବ ଶକ୍ତିଶାଳୀ ହୋଇ ତୃଣମୂଳରୁ ବେଶ ମଜଭୁତ ହୋଇଛି ତେଣୁ ଏହି ଦଳରୁ ଛିଡ଼ା ହେବା ପାଇଁ ଆଶାୟୀଙ୍କ ଲମ୍ବା ଲାଇନ । ସେମାନେ ଟିକେଟ ଖଣ୍ଡେ ପାଇବା ପାଇଁ ନିଜ ନିଜ ବାଟରେ କସରତ ଚଳାଇଛନ୍ତି । ବଡ଼ ନେତାଙ୍କୁ ଧରାଧରି କରିହେଉ ବା ନିର୍ବାଚନ ମଣ୍ଡଳୀରେ ନିଜର ପତିଆରା ଦେଖାଇ, ନବୀନ ନିବାସ ରେସରେ ପ୍ରାୟ ସମସ୍ତେ । କଥା ହେଉଛି ରାଜନୀତିର ଏହି ମାହୋଲ ଭିତରେ ବିଜୟର ବଡ଼ ଗ୍ୟାରେଣ୍ଟି ହେଉଛି ଶଙ୍ଖ । ଶଙ୍ଖ ମାର୍କା ଟିକେଟଟି ମିଳିଗଲା ମାତ୍ରେ ବିଜୟ ସମ୍ଭାବନା ପୁରାପୁରି ୧୬ଅଣା ।

ଓଡ଼ିଶାର ସବୁ ନିର୍ବାଚନ ମଣ୍ଡଳୀରେ ବିଶେଷକରି ଶଙ୍ଖ ଟିକେଟ ଖଣ୍ଡେ ପାଇବା ପାଇଁ ଯେଉଁପରି ଆଶାୟୀଙ୍କ କସରତ, ଲମ୍ଫାଧାଡ଼ି ଆଉ ଗଳଦଘର୍ମ ଲବି ଚାଲିଛି ଏବେ ଦଳ ମଧ୍ୟ ପ୍ରବଳ ଚାପରେ ରହିବା ସ୍ୱାଭାବିକ । ଓଡ଼ିଶାର ତମାମ ୧୪୭ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ଆଉ ୨୧ଟି ଲୋକସଭା ଆସନ ଭିତରେ ସବୁଠି ଆଶାୟୀଙ୍କ ଯେଉଁପରି ଧାଁଧଉଡ ଚାଲିଛି ଏଥିରୁ ବିଜେଡ଼ିର ପ୍ରଭାବ ଜଳ ଜଳ ଦିଶୁଛି । ଓଡ଼ିଶାରେ ବିଜେଡ଼ି ସରକାର ବିଗତ ୨୪ ବର୍ଷ ଧରି ଯେଉଁ ଭଳି ରାଜ୍ୟରେ ଅଭୂତପୂର୍ବ ବିକାଶ କରି ଲୋକଙ୍କ ପାଖରେ ଆସ୍ଥା ଭାଜନ ହୋଇପାରିଛି ଏ କ୍ଷେତ୍ରରେ ବିଜେଡ଼ି ସବୁଠାରୁ ନିର୍ଭରଯୋଗ୍ୟ ଦଳ ପାଲଟିଛି । ତେଣୁ ବିଜୟ ପାଇଁ ବିଜେଡ଼ି ଟିକେଟ ହେଉଛି ବଡ଼ ଗ୍ୟାରେଣ୍ଟି । ଶଙ୍ଖ ଟିକେଟ ପାଇବା ପାଇଁ ଦୌଡ଼ ଭିତରେ ୧୦ ହଜାରରୁ ଊର୍ଦ୍ଧ୍ୱ ଆବେଦନ ପହଞ୍ଚିଥିବା କଥା ବିଜେଡ଼ିର ସାଂଗଠନିକ ସମ୍ପାଦକ ତଥା ନିର୍ବାଚନର ଅନ୍ୟତମ ସଞ୍ଚାଳକ ଅଭିଜ୍ଞ ହେବିଓ୍ୱେଟ ନେତା ପ୍ରଣବ ପ୍ରକାଶ ଦାସ ଜଣାଇଛନ୍ତି । ବିଜେଡ଼ି ଟିକେଟ ପାଇବା ପାଇଁ କେବଳ ଦଳୀୟ ନେତା ନୁହଁନ୍ତି ଅନ୍ୟ ଦଳର ନେତାମାନେ ମଧ୍ୟ ଜୋରଦାର ଲବି ଚଳାଇଛନ୍ତି । ବିରୋଧୀ ବିଧାୟକ ମଧ୍ୟ ବିଜେଡ଼ି ଟିକେଟ ଖଣ୍ଡେ ପାଇବାକୁ ଗୋଡ଼ ଟେକି ବସିଛନ୍ତି । ଖାଲି ଟିକେଟ ଖଣ୍ଡେ ଫାଇନାଲ ହେଲେ ଧଡ଼ାଧଡ଼ ଦଳ ଡିଆଁ କରିବେ ।

ବିଜେଡ଼ି ଟିକେଟ ପାଇବା ପାଇଁ ବିଭିନ୍ନ ଜାତୀୟ ରାଜନୈତିକ ଦଳର ନେତାଙ୍କ ସହ ବିଭିନ୍ନ କ୍ଷେତ୍ରରେ ସୁନାମ ପାଇଥିବା ବ୍ୟକ୍ତି ବିଶେଷ ମଧ୍ୟ ରହିଛନ୍ତି । ଡାକ୍ତର ହୁଅନ୍ତୁ ବା ଇଞ୍ଜିନିୟର, ପାଇଲଟ ହୁଅନ୍ତୁ ବା କ୍ରୀଡ଼ାବିତ, କର୍ପୋରେଟ ଜଗତର ନାମଦାମୀ ହସ୍ତୀ ହୁଅନ୍ତୁ ବା ସମାଜ ସେବୀ ସମସ୍ତେ ଟିକେଟ ଆଉ ଟିକେଟ ପାଇବାର ସଫଳତା ନିମିତ୍ତ ବିଜେଡ଼ି ଟ୍ରାକରେ ଜୋରଦାର କସରତ କରୁଛନ୍ତି । ଏପରି କଥା ଉଠୁଛି ବିଜେଡ଼ି ଟିକେଟ ଖଣ୍ଡେ ପାଇବା ପାଇଁ ମୂଳ ନିର୍ବାଚନ ମଣ୍ଡଳୀ କ୍ଷେତ୍ର ଛାଡ଼ି ଅନ୍ୟ ନିର୍ବାଚନ ମଣ୍ଡଳୀ ଯିବା ପାଇଁ ବି ପ୍ରସ୍ତୁତ । ଆଉ କେତେକ କ୍ଷେତ୍ରରେ ବିଜେଡ଼ି ଟିକେଟ ପାଇଁ ଲୋକସଭା ଆସନ ଛାଡ଼ିବା ପାଇଁ ସାଂସଦମାନେ ମଧ୍ୟ ପ୍ରସ୍ତୁତ ହୋଇଥିବାବେଳେ ଅନେକ ପ୍ରତିଷ୍ଠିତ ବ୍ୟକ୍ତିତ୍ୱ ଖ୍ୟାତିସମ୍ପନ୍ନ ବୃତ୍ତିଗତ କ୍ଷେତ୍ରରେ ଥାଇ ମଧ୍ୟ ଦଳ ମୁହାଁ ହେଲେଣି । ଏସବୁର ରହସ୍ୟ କିନ୍ତୁ ଅଲଗା । କାରଣ ନିକଟରେ ଏକ ଜାତୀୟ ସର୍ଭେ ରିପୋର୍ଟ ଅନୁସାରେ ବିଜେଡ଼ି ଓଡ଼ିଶାର ଏକୋଇଶ ଲୋକସଭା ଆସନରୁ ୧୮ଟି ଦଖଲ କରିବ ଓ ୧୪୭ଟି ବିଧାନସଭା ନିର୍ବାଚନ ମଣ୍ଡଳୀରୁ ୧୨୮ଟିରେ ଶଙ୍ଖ ବିଜୟ ବାନା ଉଡିବ ବୋଲି ତଥ୍ୟ ପ୍ରକାଶ ପାଇବା ପରେ ବିଜେଡ଼ି ପ୍ରତି ଅନେକଙ୍କ ଅତ୍ୟାଗ୍ରହ ପ୍ରକାଶ ପାଇଛି । ଏପରି ରିପୋର୍ଟ ବି ଦର୍ଶାଇଛି ଯେ ଗୋଟିଏ ଗୋଟିଏ ଜିଲ୍ଲାରେ ଦଳ ପୁରାପୁରି ସବୁ ସିଟ ପୋଛି ନେବ । ଏପରିକି ବିରୋଧୀ କଂଗ୍ରେସ ଓ ବିଜେପିର ଗଡ଼ କୁହାଯାଉଥିବା ନିର୍ବାଚନ ମଣ୍ଡଳୀକୁ ଅକ୍ତିଆର କରିବା ସହ ଏଥର ବିଜେଡ଼ି ସବୁ ରେକର୍ଡ଼ ଭାଙ୍ଗି ନୂଆ ରେକର୍ଡ଼ ସୃଷ୍ଟି କରିବାର ସମ୍ଭାବନାର ରିପୋର୍ଟ ରାଜନୀତିରେ ହଇଚଇ ସୃଷ୍ଟି କରିଛି ।

ତେବେ ଏ ସର୍ଭେ ରିପୋର୍ଟ ବିଜେଡ଼ି ଟିକେଟ ଆଶାୟୀଙ୍କ ଭିତରେ ଯେତିକି ଉତ୍ସାହ ବଢ଼ାଇଛି ସେତିକି ବ୍ୟାକୁଳତା ସହ ଲବିକୁ ଆହୁରି ପ୍ରଭାବଶାଳୀ କରିଛି । ରାଜନୀତିକୁ ଆସିବାକୁ ଚାହୁଁଥିବା ନୂଆ ଚେହେରା ସେମାନଙ୍କ ରାଜନୈତିକ କ୍ୟାରିୟର ଗଢ଼ିବା ପାଇଁ ବିଜେଡ଼ି ଟିକେଟ ସେମାନଙ୍କ ପାଇଁ ବଡ଼ ପୁଞ୍ଜି ବୋଲି ଗ୍ରହଣ କରି ନିଜ ନିଜ ଲବିକୁ ଆହୁରି ପ୍ରଭାବୀ ଓ ଜୋରଦାର କରିଛନ୍ତି । ଶଙ୍ଖ ଟିକେଟ ଖଣ୍ଡେ ମିଳିଗଲେ ରାଜନୈତିକ ଭାଗ୍ୟ ଉଦୟ ହୋଇଯିବ ଆଉ ଭବିଷ୍ୟତର ରାଜନୈତିକ କ୍ୟାରିୟର ସୁଉଜ୍ଜ୍ୱଳ ହୋଇଯିବ ବୋଲି ଆଶା । ନବୀନ ବାବୁ ଏକ ନମ୍ବର ମୁଖ୍ୟମନ୍ତ୍ରୀ ବୋଲି ଯେଉଁ କ୍ରମାଗତ ବିରଳ ସଫଳତା ପାଉଛନ୍ତି ଆଉ ରାଜ୍ୟର ଯେଉଁପରି ବିକାଶର ଅଭୂତପୂର୍ବ ଅଭିବୃଦ୍ଧି ଘଟିଛି ଏସବୁ ହେଉଛି ବିଜେଡ଼ିର ବିଜୟ ଟ୍ରେଡ ମାର୍କ । ଏହା ତ ନିଃସନ୍ଦେହ ବିଜେଡ଼ିର ଅସଲ ଭୋଟର ନାୟକ ହେଉଛନ୍ତି ନବୀନ ବାବୁ । ବିଜୁ ବାବୁଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ଗଢ଼ା ଯାଇଥିବା ବିଜେଡ଼ି ଆଜି ଭାରତର ଏକ ପ୍ରଭାବଶାଳୀ ଓ ମଜଭୁତ ଆଞ୍ଚଳିକ ଦଳ । ନୂଆଦିଲ୍ଲୀରେ ଯେଉଁ ଦଳର ସରକାର ଗଠନ ହେଲେ ମଧ୍ୟ ବିଜେଡ଼ି ପରି ଏକ ଆଞ୍ଚଳିକ ଦଳ ସାମ୍ନାରେ ସେମାନେ ନିଜ ବଡ଼ ଭାଇ ପଣିଆ ଦେଖାଇ ପାରିନାହାଁନ୍ତି ।

୨୦୨୨ ପଞ୍ଚାୟତ ନିର୍ବାଚନରେ ବିଜେଡ଼ି ୫୨ ପ୍ରତିଶତରୁ ଅଧିକ ଭୋଟ ହାର ହାତେଇବା ସହ ସମସ୍ତ ୩୦ଟି ଜିଲ୍ଲା ପରିଷଦ ମଧ୍ୟ ଦଖଲ କରିଥିଲା । ଦିନକୁ ଦିନ ବିଜେଡ଼ି ଦଳ ପ୍ରତି ଓଡ଼ିଶାବାସୀଙ୍କ ଭରଷା ଓ ବିଶ୍ୱାସ ବଢ଼ୁଛି । ସାଢ଼େଚାରିକୋଟି ଓଡ଼ିଶାବାସୀଙ୍କ ଆଶୀର୍ବାଦ ମୁଖ୍ୟମନ୍ତ୍ରୀ ଓ ବିଜେଡ଼ି ପ୍ରତି ରହିଛି । କେନ୍ଦ୍ର ସହିତ ମୁକାବିଲା ମନୋଭାବ ନ ରଖି ଅତ୍ୟନ୍ତ ସହଯୋଗ ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ପର୍କ ଭିତରେ ରାଜ୍ୟକୁ ଅନେକ ପ୍ରକଳ୍ପ ଓ ପର୍ଯ୍ୟାପ୍ତ ଅନୁଦାନ ଆସିପାରିଛି । ନବୀନ ବାବୁଙ୍କୁ ଷଷ୍ଠଥର ପାଇଁ ମୁଖ୍ୟମନ୍ତ୍ରୀ ଆସନରେ ବସାଇ ତାଙ୍କ ନେତୃତ୍ୱ ପ୍ରତି ଲୋକଙ୍କର ଆସ୍ଥା ଓ ବିଶ୍ୱାସ ବଢ଼ାଇବା ପାଇଁ ବିଜେଡ଼ି ମଧ୍ୟ କାର୍ଯ୍ୟ କରୁଛି । ଓଡ଼ିଶାରେ ଆଜି କେବଳ ସହରାଞ୍ଚଳ ବା ଗ୍ରାମାଞ୍ଚଳ ନୁହେଁ ସବୁଠି ତ ଅଭୂତପୂର୍ବ ବିକାଶ ହୋଇଛି ଆଉ ବଡ଼କଥା ହେଉଛି ସବୁ ସ୍ଥାନରେ ବିଜେଡ଼ି ନିଜର ସଂଗଠନ ଦ୍ୱାରା ଅଭେଦ ଦୁର୍ଗ ତିଆରି କରିଛି । ଅନେକ ନିର୍ବାଚନ ମଣ୍ଡଳୀ ରହିଛି ଯେଉଁଠି ଅନ୍ୟ ରାଜନୈତିକ ଦଳର ପ୍ରାର୍ଥୀମାନଙ୍କର ଅମାନତ ଉଡ଼ିଯାଏ । ରାଜ୍ୟର ବ୍ୟାପକ ରୂପାନ୍ତରଣ ଓ ବିକାଶରେ ନବୀନ ବାବୁଙ୍କ ବିଜେଡ଼ି ଆଜି ସମଗ୍ର ଭାରତରେ ଏକ ନିର୍ଭର ଯୋଗ୍ୟ, ଭରଷା ଯୋଗ୍ୟ ଓ ପ୍ରଶଂସନୀୟ ସେବା କରୁଥିବା ଦଳ ଭାବେ ଯେଉଁ ସୁନାମ ପାଇଛି ତାହା ଅନ୍ୟ ଆଞ୍ଚଳିକ ଦଳ ପାଖରେ ସମ୍ଭବ ହୋଇପାରିନାହିଁ । ବିଜେଡ଼ି ଯେଉଁ ସମୟରୁ ତିଆରି ହୋଇଥିଲା ସେହି ସମୟରେ ତିଆରି ହୋଇଥିବା ଅନ୍ୟ ଆଞ୍ଚଳିକ ଦଳମାନଙ୍କ ଅବସ୍ଥା ଏବେ ସଙ୍କଟଜନକ ପରିସ୍ଥିତିରେ ଥିବାବେଳେ ବିଜେଡ଼ି କିନ୍ତୁ ତାର ପ୍ରଭାବ ଓ ପତିଆରା ଅକ୍ଷୁର୍ଣ୍ଣ ରଖିଛି । ନବୀନ ବାବୁଙ୍କ ସୁଶାସନ ତାଙ୍କ ନିଷ୍କଳଙ୍କ ବ୍ୟକ୍ତିତ୍ୱ ଓ ରାଜ୍ୟବାସୀଙ୍କ ପ୍ରତି ସେବା ହେଉଛି ବିଜେଡ଼ି ଭୋଟର ଅସଲ ପୁଞ୍ଜି । ତେଣୁ ଆଉ କିଛି ଦିନ ଭିତରେ ଅନେକ ନାମୀଦାମୀ ହସ୍ତୀ ଅନ୍ୟଦଳର ବଡ଼ ବଡ଼ ପ୍ରଭାବଶାଳୀ ମୁଖିଆ ଚେହେରା ମଧ୍ୟ ବିଜେଡ଼ି ଟିକେଟ ଖଣ୍ଡେ ପାଇବା ପାଇଁ ଦଳ ମୁହାଁ ହେଲେ ଏହା କିଛି ବିରାଟ ବଡ଼ ଖବର ହେବନାହିଁ ।

ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ଦୂରଭାଷ : ୭୪୮୮୯୯୮୫୩୨




# ଓଡିଆ ସାହିତ୍ୟରେ ରହସ୍ୟ ଉପନ୍ୟାସ

ବିଶ୍ୱର ପାଠକମାନଙ୍କ ମଧ୍ୟରେ ଆଗଥା କ୍ରିଷ୍ଟଙ୍କ ରହସ୍ୟ ଉପନ୍ୟାସ,ସାର ଆର୍ଥର କୋନାନ ଦୟଲଙ୍କ ସେରଲକ ହୋଲମସ ସଂପର୍କିତ ଗଳ୍ପ ଓ ହାରି ପୋର୍ଟର ଭଳି ଭୌତିକ ଉପନ୍ୟାସର ବେଶ ଆଦର ରହିଛି । ଯେ କୌଣସି ପୁସ୍ତକ ଦୋକାନରେ ଏହି ଜାତୀୟ ପୁସ୍ତକ ବହୁଳ ସଂଖ୍ୟାରେ ବିକ୍ରୟ ପାଇଁ ଗଛିତ ଥାଏ । ଓଡିଶାରେ ମଧ୍ୟ ରହସ୍ୟ ଉପନ୍ୟାସର ଆଦର ୫୦ବର୍ଷ ତଳେ ଅସମ୍ଭବ ଭାବେ ଅଧିକ ଥିଲା । ହାଇସ୍କୁଲ ଓ କଲେଜ ପଢୁଆ ପିଲାଙ୍କ ମଧ୍ୟରେ ବିଭିନ୍ନ ଡିଟେକଟିଭ ପୁସ୍ତକର ବଡ ଚାହିଦା ଥିଲା । ସେସବୁର ଲୋକ ପ୍ରିୟତାକୁ ଆଖି ଆଗରେ ରଖି ସିରିଜ ମାନ ଲେଖା ଯାଇଥିଲା । ସେଗୁଡିକ ମଧ୍ୟରୁ ଦସ୍ୟୁ ରବିନ ସିରିଜ, ମିରା ସିରିଜ, ତ୍ରିପୁର ସୁନ୍ଦରୀ, ମନମୋହିନୀ ସିରିଜ ପ୍ରଧାନ। ଚମ୍ବଲ ଉପତ୍ୟକାର ଡାକୁ ସମ୍ରାଟ ମାନସିଂ, ଦସ୍ୟୁରାଣୀ ଫୁଲନକୁ ନେଇ ଅନେକ ଉପନ୍ୟାସ ଲେଖା ହୋଇଥିଲା । ଭାବାନୀ ବାବୁ ଡିଟେକଟିଭଙ୍କ ନାମ ଏବେ ବି ମନେ ଅଛି। କଣ୍ଠୁରି ଚରଣ ଦାସ, ଗିରିଧାରୀ ମହାରଣା, ଭୂପେନ ଗୋସ୍ୱାମିଙ୍କ ଭଳି ଲେଖକମାନେ ବେଶ ପାଠକଙ୍କ ପ୍ରିୟ ଥିଲେ । ସେତେବେଳେ ଗାଁର ପାଠାଗାରମାନଙ୍କରେ ଏସବୁ ବହି ମିଳୁଥିଲା । ପରବର୍ତ୍ତି ସମୟରେ କେତେକ ଲେଖକ ନିଜକୁ ରହସ୍ୟ ସମ୍ରାଟ,ରହସ୍ୟ କୁମାର ଛଦ୍ମ ନାମରେ ଡିଟେକଟିଭ ବହିମାନ ଲେଖିଲେ । ମାସିକ ଚକ୍ରାନ୍ତ, ମାସିକ ଡିଟେକଟିଭ, ସତ୍ୟ ଅପରାଧ ଘଟଣା ଭଳି ମାସିକ ପତ୍ରିକାମାନ ବଜାରରେ ମିଳିଲା । ବିଶେଷତଃ ବସଷ୍ଟାଣ୍ଡମାନଙ୍କରେ ଯାତ୍ରୀମାନଙ୍କ ହାତରେ ନିଶ୍ଚୟ ଏ ଧରଣର ପତ୍ରିକା ଦେଖିବାକୁ ମିଳୁଥିଲା । ସେତେବେଳେ କେତେକ ଔପନ୍ୟାସିକ ଗାଁ ଗହଳର ଅଳ୍ପ ଶିକ୍ଷିତ ଯୁବକଯୁବତୀଙ୍କ ପାଇଁ ଉପନ୍ୟାସମାନ ଲେଖୁଥିଲେ । ଏଗୁଡିକ କଲିକତାରୁ ପ୍ରକାଶ ପାଉଥିଲା । ଭାଗିରଥି ଦାସ ସେମାନଙ୍କ ମଧ୍ୟରେ ପ୍ରଧାନ । ଅଳ୍ପ ଶିକ୍ଷିତ ଗ୍ରାମ୍ୟ ବାଳିକା ସେଗୁଡିକୁ ପଢି ସଂସାର, ପ୍ରେମ, ଘରକରଣା ବିଷୟରେ ଜାଣୁଥିଲା । ବିଦେଶରେ ଥିବା ସ୍ୱାମୀଙ୍କ ପାଖକୁ ଚିଠି ଦେଉଥିଲା । ବିବାହ ବେଳେ ସାଙ୍ଗରେ ବାକ୍ସ ଭର୍ତ୍ତି ବହି ଯାଉଥିଲା । ସେହିଭଳି ପରିବାରଠାରୁ ବିଛିନ୍ନ ହୋଇ କଲିକତାର ଲକ୍ଷ ଲକ୍ଷ ଓଡିଆ ଶ୍ରମିକ ମାନଙ୍କ ପାଇଁ ଏହି ବହି ସବୁ ଅତ୍ୟନ୍ତ ପ୍ରିୟ ଥିଲା । ଲୋକେ ଜାନିଯାତ୍ରାକୁ ଗଲେ ଏ ସବୁ ବହିରୁ ନିଶ୍ଚୟ ଗୋଟେ କିଣୁଥିଲେ । କାଳକ୍ରମେ ଏ ସବୁ ପୁସ୍ତକର ଲେଖିବା କମିଗଲା । କାରଣ ଏ ଧରଣର ପୁସ୍ତକକୁ ଆମର ସାହିତ୍ୟର ବଡପଣ୍ଡାମାନେ ଶସ୍ତା ସାହିତ୍ୟ ବୋଲି ଭାବିଲେ । ସେମାନଙ୍କର ଭୁଲ ହେଲା ଅତ୍ୟନ୍ତ ସରଳ ଭାବରେ ତାହା ଲେଖା ଥିଲା । କଳ୍ପନା ଅପେକ୍ଷା ବାସ୍ତବତାକୁ ଅଗ୍ରାଧିକାର ଦିଆଯାଉଥିଲା । ଏସବୁ ସାହିତ୍ୟ ଲେଖିଲେ ସମ୍ବର୍ଦ୍ଧନା ବା ମାନପତ୍ର ମିଳିବ ନାହିଁ । ସଭାରେ ଶସ୍ତା ଉପନ୍ୟାସର ଲେଖକ ବୋଲି ଉପହସିତ ହେବେ। ତେଣୁ ଲେଖକମାନେ ଏଭଳି ପ୍ରକାର ବହି ଲେଖିବା ଛାଡିଦେଲେ ଓ ସମ୍ଭ୍ରାନ୍ତ ସାହିତ୍ୟର ସଭ୍ୟ ହୋଇଗଲେ । ଯେଉଁ ସାହିତ୍ୟକୁ ସାଧାରଣ ଲୋକ ଦୁର୍ବୋଧ, ଅବୋଧ, ନିର୍ବୋଧ ବୋଲି ଷ୍ଟାମ୍ପ ବହୁ ଦିନରୁ ମାରିସାରିଛି । ସାଧାରଣ ଲୋକଙ୍କଠାରୁ ଦୂରେଇ ଯାଇ ସାହିତ୍ୟ ସଭା, କବିତା ପାଠୋତ୍ସବ, ରାଜ୍ୟସ୍ତରୀୟ, ଜାତୀୟସ୍ତରୀୟ ସମ୍ବର୍ଦ୍ଧନା ଉତ୍ସବରେ ନିଜକୁ ସୀମିତ ରଖିଛି । ଓଡିଆ ଭାଷାର ଅନେକ ଲୋକପ୍ରିୟ ପତ୍ରିକା ସୁଚରିତା, ଜହ୍ନମାମୁଁ, ପୌରୁଷ ପ୍ରାୟ ଲୋପ ହେବାକୁ ବସିଲାଣି, କାରଣ ଏଥିପାଇଁ ମନକୁ ଛୁଇଁଲା ଭଳି ଲେଖା ଆସୁନାହିଁ । ନିଜ ସଂଚିତ ଅର୍ଥରେ ବହି ଛପାଇ ମାଗଣାରେ ବାଣ୍ଟିବା ହିଁ ଆଜିର ସାହିତ୍ୟ । ସାହିତ୍ୟ ସଭାରୁ ଫେରିଲା ପରେ ବ୍ୟାଗରେ ଗୋଛାଏ ବହି ଦେଖି, ଘରଣୀଙ୍କ ଭୀମ ଗର୍ଜନ, "ସେ ବାଜେ ବହି ରଖିବାକୁ ଘରେ ଯାଗା ନାହିଁ, ତୁମ ଜିନିଷ କୋଉଠି ସାଇତି ରଖ; ନଇଲେ ରଦି କାଗଜବାଲାକୁ ସବୁ ଦେଇଦେବି !" ଏହା ହିଁ ସମ୍ଭ୍ରାନ୍ତ ସାହିତ୍ୟର ଅବସ୍ଥା ।

## ଉନ୍ନୟନମୂଳକ କାର୍ଯ୍ୟକୁ ଦିଗହରା କରିବାକୁ ଷଡ଼ଯନ୍ତ୍ର

ଭୁବନେଶ୍ୱର (ପିଏନ୍): ଗତ ୪ ମେ' ୨୦୨୨ ଦିନ ଭୁବନେଶ୍ୱର ବିଡିଓ ତାଙ୍କର ବଦଳି ଆଦେଶ ସଂଖ୍ୟା ୨୧୦୯ରେ ୧୪ ଜଣ ପିଇଓଙ୍କୁ ବଦଳି କରିଥିଲେ, ତା ମଧ୍ୟରୁ ସିରିୟଲ ନଂ ୧୪ରେ ଥିବା ପିଇଓଙ୍କୁ ଶିଶୁପାଳଗଡ ଓ ଲିଙ୍ଗିପୁର ଦାୟିତ୍ୱ ଦିଆଯାଇଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଶିଶୁପାଳ ଓ ଲିଙ୍ଗିପୁର ଗ୍ରାମପଂଚାୟତର ମୋଟ ୧୩ଟି ଲେଖାଏଁ ୱାର୍ଡ ରହିଛି। ସମୁଦାୟ ୨୬ଟି ୱାର୍ଡକୁ କେଉଁ ଭାବରେ ବିଡିଓ ମହାଶୟ ଗୋଟିଏ ପିଇଓଙ୍କୁ ତରବରିଆ ଭାବରେ ଦାୟିତ୍ୱ ଦେଲେ ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଲିଙ୍ଗିପୁର ଗ୍ରାମ ପଂଚାୟତ କ'ଣ ସରକାରଙ୍କର ସାବତ ପୁଅ କି? ରାଜ୍ୟ ସରକାର ପଂଚାୟତସ୍ତରକୁ ସୁଦୃଢ କରିବା ପାଇଁ ପଂଚାୟତରେ ସବୁ ସୁବିଧାସୁଯୋଗ ଦେବା ପାଇଁ ଆପ୍ରାଣ ଉଦ୍ୟମ କରୁଥିବାବେଳେ ଗୋଟିଏ ପିଇଓଙ୍କୁ ୨ଟି ଦାୟିତ୍ୱ ଦେଇ ବିଡିଓ ମହାଶୟ କ'ଣ ପ୍ରମାଣ କରିବାକୁ ଚାହୁଁଛନ୍ତି ସେ ନିଜେ ଜାଣିଥିବେ। ଗ୍ରାମପଂଚାୟତରେ ଆସୁଥିବା ବିଭିନ୍ନ ୱାର୍ଡର ସମସ୍ୟା ଯେଉଁଭଳି ଭାବେ ସମାଧାନ ହୋଇପାରିବ ସେଥିପ୍ରତି ବୋଧହୁଏ ବିଡିଓ ମହାଶୟଙ୍କର ଭୃକ୍ଷେପ ନାହିଁ। ରାସନ୍ କାର୍ଡଠୁ ଆରମ୍ଭ କରି ଭତା ବଂଟନ, ପାନୀୟ ଜଳ, ରାସନ ସାମଗ୍ରୀ, ପ୍ରତି ୱାର୍ଡର ମାସିକିଆ ବୈଠକର ବିବରଣୀ ରଖିବା ଏବଂ ତାଙ୍କର ସମସ୍ୟା ସମାଧାନକୁ ନେଇ ସଂରପଚ ଏବଂ ବ୍ଲକ କାର୍ଯ୍ୟାଳୟକୁ ପଂଚାଇବା ଇତ୍ୟାଦି ତାଙ୍କର ମୁଖ୍ୟ କାର୍ଯ୍ୟ। ଏଠାରେ ଗୋଟିଏ ଉଲ୍ଲେଖନୀୟ ଘଟଣା ସାଧାରଣ ପ୍ରଶାସନ ବିଭାଗର ଆଦେଶ ସଂଖ୍ୟା 11818/SCS, ଏପ୍ରିଲ ୩୦ରେ ବିଡିଓଙ୍କ ବଦଳି ଆଦେଶ, କିନ୍ତୁ ଆଶ୍ଚର୍ଯ୍ୟର କଥା ସେହିଦିନ (PEO) ପଂଚାୟତ ଏକ୍ୟୁଜିକ୍ୟୁଟିଭ ଅଫିସରଙ୍କ ବଦଳିର ଆଦେଶ କରାଯାଇଛି। କି ସଂଯୋଗ କ'ଣ ଉଦ୍ଦେଶ୍ୟ? କାହା ସ୍ୱାର୍ଥରେ ପିଇଓମାନଙ୍କ ବଦଳି ଏକାଦିନେ। ଏହି ବଦଳି ଆଦେଶ ତା୦୪.୦୫.୨୨ରିଖରେ ସମସ୍ତ ପିଇଓଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଇଛି ଏବଂ ସେଥିରେ ନିର୍ଦ୍ଦେଶ ଦିଆଯାଇଛି, ତିନି ଦିନ ଭିତରେ ଦାୟିତ୍ୱ ହସ୍ତାନ୍ତର କରି ନୂତନ ଭାବେ ବଦଳି ହୋଇଥିବା ଯାଗାରେ ଯୋଗଦାନ କରିବେ। ଏଣୁ ବିଭାଗୀୟ ମନ୍ତ୍ରୀ, ବିଭାଗୀୟ ସଚିବ, ଖୋର୍ଦ୍ଧା ଜିଲ୍ଲାପାଳ, ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଏହି ବଦଳି ତାଲିକାକୁ କ୍ୟାନ୍ସଲ୍ କରିବାକୁ ସବୁ ସ୍ତରରୁ ଦାବୀ ହେଉଛି। ଏବଂ କେଉଁ ପରିସ୍ଥିତିରେ ଏକାଦିନେ ଆଦେଶ ବାହାରିଲା ତାହା ମଧ୍ୟ ତଦନ୍ତସାପେକ୍ଷ। ବାତ୍ୟା ଆସୁଥିବା ସମ୍ଭାବନାକୁ ଦୃଷ୍ଟିରେ ରଖି ସମସ୍ତ ବଦଳି ଆଦେଶକୁ ସ୍ଥଗିତ ରଖାଯାଇଛି। ଏଣୁ ଏହି କ୍ଷେତ୍ରରେ ତାହା ମଧ୍ୟ ପ୍ରଯୁଜ୍ୟ କରାଯାଉ। ଭୁବନେଶ୍ୱର ବିଡିଓଙ୍କୁ ହ୍ୱାଟସ୍ଆପ୍ ଦ୍ୱାରା ଏହି ନିର୍ଦ୍ଦେଶ ପରେ ପ୍ରତିକ୍ରିୟା ପାଇଁ ଆମ ପ୍ରତିନିଧି ଜାଣିବାକୁ ଚାହିଁଥିଲେ ମଧ୍ୟ ବିଡିଓ ମହାଶୟ ନୀରବ।

## ପଦ୍ମଶ୍ରୀ ରଜତ କୁମାର କରଙ୍କ ବିୟୋଗରେ ଆରଏସ୍ଏସ୍ର ଶୋକ

ଭୁବନେଶ୍ୱର (ପିଏନ୍): ପଦ୍ମଶ୍ରୀ ରଜତ କୁମାର କରଙ୍କର ଦେହାବସାନ ଖବର ପାଇ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର କାର୍ଯ୍ୟକର୍ତ୍ତା ଓ ସ୍ୱୟଂସେବକମାନେ ଅତ୍ୟନ୍ତ ମର୍ମାହତ । ତାଙ୍କର ତିରୋଧାନରେ ଦେଶ ତଥା ସାହିତ୍ୟ ଜଗତର ଏକ ଅପୂରଣୀୟ କ୍ଷତି ହେଲା ବୋଲି ସଂଘର ଓଡିଶା ପୂର୍ବପ୍ରାନ୍ତ ସଂଘଚାଳକ ସମୀର କୁମାର ମହାନ୍ତି ଓ ପୂର୍ବକ୍ଷେତ୍ର କାର୍ଯ୍ୟବାହ ଡ. ଗୋପାଳ ପ୍ରସାଦ ମହାପାତ୍ର ତାଙ୍କ ଶୋକବାର୍ତ୍ତାରେ ଏହା ପ୍ରକାଶ କରିଛନ୍ତି । ସ୍ୱର୍ଗତଃ କର ଓଡିଶା ରାଜ୍ୟ ତଥା ଦେଶର ଜଣେ ମହାନ୍ ସାରସ୍ୱତ ସାଧକ ଥିଲେ । ସାହିତ୍ୟ ଜଗତ ପ୍ରତି ତାଙ୍କର ଅବଦାନ ଅତୁଳନୀୟ । ତାଙ୍କର ଗବେଷଣାତ୍ମକ ପ୍ରବନ୍ଧର କୌଣସି ପଟାନ୍ତର ନାହିଁ । ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ସହିତ ତାଙ୍କର ସଂପର୍କ ଅତ୍ୟନ୍ତ ମଧୁର ଓ ଘନିଷ୍ଠ ଥିଲା । ତାଙ୍କ ବିୟୋଗରେ ଆର୍.ଏସ୍. ଏସ୍. ତରଫରୁ ଗଭୀର ଶୋକ ପ୍ରକାଶ କରିବା ସହ ଅମର ଆତ୍ମାର ସଦ୍ଗତି ନିମିତ୍ତ ପ୍ରାର୍ଥନା କରାଯାଇଛି । ଏବଂ ଏହି କଠିନ ସମୟରେ ତାଙ୍କର ଶୋକସନ୍ତପ୍ତ ପରିବାରକୁ ପ୍ରଭୁ ଶ୍ରୀ ଜଗନ୍ନାଥ ଅସୀମ ଧୈର୍ଯ୍ୟ ପ୍ରଦାନ କରନ୍ତୁ ।

## ଜଳସମ୍ପଦର ସୁରକ୍ଷା ଲାଗି ଦୀର୍ଘମିଆଦୀ ଯୋଜନା ଆବଶ୍ୟକ

ଭୁବନେଶ୍ୱର (ପିଏନ୍): ଦେଶରେ ଭୂତଳ ଜଳସ୍ତର ଦ୍ରୁତ ଗତିରେ ହ୍ରାସ ପାଉଥିବାରୁ କିପରି ତା'ର ସଂରକ୍ଷଣ କରାଯାଇପାରିବ ସେ ସମ୍ପର୍କରେ ସୁପାରିଶ କରିବାକୁ ବିଭାଗ ଏକ ଆନ୍ତଃ ମନ୍ତ୍ରୀସ୍ତରୀୟ କମିଟି ଗଠନ ହୋଇଛି। ଜଳସମ୍ପଦର ସୁରକ୍ଷା ଲାଗି ବିଶେଷ ଭାବରେ ଭୂତଳ ଜଳର ସଂରକ୍ଷଣ ସକାଶେ ଆଇନଗତ ପଦକ୍ଷେପ ନେବା ଏହାର ଉଦ୍ଦେଶ୍ୟ। ଦେଶରେ ଜଳସମ୍ପଦକୁ ନେଇ ବିଭିନ୍ନ ସମସ୍ୟା ଦେଖାଦେଉଥିବା ବେଳେ ସେଥିରେ ଭୂତଳ ଜଳର ସ୍ଥିତି ଗୁରୁତ୍ୱପୂର୍ଣ୍ଣ। କାରଣ ଏବେ ୮୫ ପ୍ରତିଶତ ପାନୀୟ ଜଳ ଭୂତଳ ଜଳରୁ ସ୍ଥିତି ଗୁରୁତ୍ୱପୂର୍ଣ୍ଣ। କାରଣ ଏବେ ୮୫ ପ୍ରତିଶତ ପାନୀୟ ଜଳ ଭୂତଳ ଜଳରୁ ମିଳୁଥିବାବେଳେ ଜଳସେଚନ ପାଇଁ ବ୍ୟବହୃତ ୬୫ ପ୍ରତିଶତ ଜଳ ଏହି ସୂତ୍ରରୁ ଅଣାଯାଉଛି। ଜଳର ଚାହିଦା ଦ୍ରୁତ ଗତିରେ ବଢୁଥିବାରୁ ଓ ଦେଶର ଅଧିକାଂଶ ଅ ଳରେ ଭୂତଳ ଜଳସ୍ତର ବିପଜ୍ଜନକସ୍ତରକୁ ଖସି ଆସିଥିବା କାରଣରୁ ଦିଗଟି ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଆଯିବା ଦରକାର। ସମ୍ବିଧାନରେ ଜଳ ରାଜ୍ୟ ତାଲିକାରେ ରହିଛି। କିନ୍ତୁ ଏବେ କେନ୍ଦ୍ର ସରକାର ରାଜ୍ୟଗୁଡ଼ିକ କାର୍ଯ୍ୟକାରୀ କରିପାରିବା ଭଳି ଏକ ଆଦର୍ଶ ଆଇନ ପ୍ରଣୟନ କରିବାକୁ ବିଚାର କରୁଛନ୍ତି। ଏହି ମଡ଼େଲ ବିଲରେ ଭୂତଳ ଜଳର ସଂରକ୍ଷଣ, ସୁରକ୍ଷା, ନିୟନ୍ତ୍ରଣକୁ ପରିଚାଳନା ପାଇଁ ଉପଯୁକ୍ତ ବ୍ୟବସ୍ଥା ରହିବ। ଏ କ୍ଷେତ୍ରରେ ରହିଥିବା ଦୁର୍ବଳତାଗୁଡ଼ିକୁ ଚିହ୍ନଟ କରାଯାଇ ଏହାର ପ୍ରତିକାର ବ୍ୟବସ୍ଥା ରଖାଯିବ। ସାଧାରଣ ବିତର୍କ କରାଯାଇ ଏ କ୍ଷେତ୍ରରେ କଡ଼ା ବ୍ୟବସ୍ଥା ରଖାଯିବାକୁ ଚିନ୍ତା କରାଯାଉଛି। ଏଥିରେ ରହିଥିବା ପ୍ରସ୍ତାବଗୁଡ଼ିକ କାର୍ଯ୍ୟକାରୀ ହେଲେ ବିବାଦ ଉପୁଜିପାରେ ଯଦିଓ ବୃହ ର ସ୍ୱାର୍ଥ ଦୃଷ୍ଟିରୁ ଭୂତଳ ଜଳର ମନଇଚ୍ଛା ବ୍ୟବହାର ଉପରେ କଟକଣା ରହିବା ଉଚିତ। ଏବେ ଜମି ମାଲିକ ଭୂମିତଳେ ଥିବା ଜଳକୁ ଇଚ୍ଛା ଅନୁସାରେ ବ୍ୟବହାର କରିପାରିବେ। ତାହା ଉପରେ କୌଣସି ସୀମା ବା ନିୟନ୍ତ୍ରଣ ରଖାଯାଇନାହିଁ। ସରକାର ଏବେ ଭୂତଳ ଜଳର ମାଲିକାନା ବା ଆଇନଗତ ସ୍ଥିତିକୁ ବଦଳାଇବାକୁ ଚାହାନ୍ତି। ଅର୍ଥାତ୍ ଭୂତଳ ଜଳକୁ ସମୁହ ପ୍ରାକୃତିକ ସମ୍ପଦ ଭାବେ ବିବେଚନା କରାଯିବ। କାରଣ ସାଧାରଣ ଜୀବନ, ଜୀବିକା ଓ ପରିବେଶ ସହ ଏହାର ନିବିଡ଼ ସମ୍ପର୍କ ରହିଛି। ଆଉ ଏକ ପ୍ରସ୍ତାବ ହେଲା ପ ାୟତ ଓ ପୌରସଂସ୍ଥାଗୁଡ଼ିକ ସର୍ବସାଧାରଣଙ୍କ ସହଯୋଗ ଓ ଅନୁମୋଦନ ନେଇ ଭୂତଳ ଜଳର ପରିଚାଳନା କରିବାକୁ କ୍ଷମତାପ୍ରାପ୍ତ ହେବେ। ପିଇବା ପାଣି ବ୍ୟତୀତ ଅନ୍ୟ କାମ ପାଇଁ ଜଳର ରିସାଇକ୍ଲିଂ ଓ ପୁନଃ ବ୍ୟବହାର ଲାଗି ସମ୍ପୃକ୍ତ ସରକାର ପଦକ୍ଷେପ ନେବାକୁ ଆଇନରେ ପ୍ରସ୍ତାବ ରଖାଯାଇଛି। ଉମା ଭାରତୀ ଯୁକ୍ତି କରିଛନ୍ତି ଏମାନଙ୍କ ଉପରେ ନିର୍ଦ୍ଦିଷ୍ଟ କଟକଣା ରହୁ ଏବଂ ଶିଳ୍ପ ଗୁଡ଼ିକ କେବଳ ରିସାଇକ୍ଲିଂ ଜଳକୁ ବ୍ୟବହାର କରିପାରିବେ ବୋଲି ନିୟମ ରଖାଯାଉ। ଅବଶ୍ୟ ଭାରତରେ ଯେପରି ଜଳାଭାବ ସମସ୍ୟା ବଢୁଛି ସେ କାରଣରୁ ଅନେକ ଦେଶ ପରି ଜଳର ରିସାଇକ୍ଲିଂ ଓ ତାର ପୁନଃ ବ୍ୟବହାର ଉପରେ ଅଧିକ ଗୁରୁତ୍ୱ ଦିଆଯିବା ଉଚିତ। ସହରା ଳ ଗୁଡ଼ିକରେ ପାନୀୟ ଜଳ ବ୍ୟତୀତ ଅନ୍ୟ କ୍ଷେତ୍ରରେ ରିସାଇକ୍ଲିଂ ଜଳ ବ୍ୟବହାର କରାଯିବା ଦରକାର। ତଦ୍ୱାରା ବିଶୋଧନ ଖର୍ଚ୍ଚ ମଧ୍ୟ କମିଯିବ। କେନ୍ଦ୍ର ସରକାର ରାଜ୍ୟଗୁଡ଼ିକୁ ଉପରୋକ୍ତ ସମସ୍ୟା ଉପରେ ଜାଗ୍ରତ କରାଇବା ଆଗରୁ ନିଜ ପ୍ରଶାସନରେ ଜଳ ପରିଚାଳନା ଦିଗକୁ ସଜାଡ଼ିବା ଉଚିତ। କାରଣ କେନ୍ଦ୍ରରେ ଜଳ ଉଦ୍ୟୋଗ ସହ ସମ୍ପୃକ୍ତ ଅନେକ ବିଭାଗ ଓ ସଂସ୍ଥା ରହିଛି। ସେଗୁଡ଼ିକ ମଧ୍ୟରେ ଉପଯୁକ୍ତ ସମନ୍ୱୟ ରହିଛି କି ନା ସନ୍ଦେହ। କେନ୍ଦ୍ର ଭୂତଳ ଜଳ ବୋର୍ଡ଼ ଭୂତଳ ଜଳ ସମ୍ପର୍କିତ ନୀତିନିୟମ କରୁଥିବାବେଳେ କେନ୍ଦ୍ରୀୟ ଜଳ କମିଶନ ଜଳଭଣ୍ଡାର ଓ ଜଳସେଚନ ପ୍ରକଳ୍ପଗୁଡ଼ିକ ସହ ସଂଶ୍ଳିଷ୍ଟ। ଜଳସମ୍ପଦ ଓ ପରିବେଶ ମନ୍ତ୍ରଣାଳୟଗୁଡ଼ିକ ନଦୀଗୁଡ଼ିକର ସଂରକ୍ଷଣ ଓ ଯୋଜନା ପାଇଁ ଉ ରଦାୟୀ ଥିଲାବେଳେ ଉ ର ଭାରତରେ ଗଙ୍ଗା ଆଦି ନଦୀଗୁଡ଼ିକ ହିମାଳୟର ତୁଷାରାବୃ ପାହାଡ଼ରୁ ବରଫ ତରଳି ଜଳ ବହୁଥିବା ଯୋଗୁଁ ସେଥିସହ ଭୂବିଜ୍ଞାନ ମନ୍ତ୍ରଣାଳୟ ତଦାରଖ କରୁଛି। କୁହାଯାଉଛି ଯେ ଜଳ ଉଦ୍ୟୋଗର ପରିଚାଳନାରେ ୧୧ଟି ମନ୍ତ୍ରଣାଳୟ ଓ ବିଭାଗ ସଂଶ୍ଳିଷ୍ଟ। ଏହି ପରିଚାଳନା ବ୍ୟବସ୍ଥାକୁ ସରଳ ଓ ସୁସମନ୍ୱିତ କରାଯିବା ଦରକାର। ଜଳସଙ୍କଟ କ୍ରମାଗତ ଭାବେ ଭିନ୍ନ ରୂପରେ ପ୍ରକାଶ ପାଉଥିବାରୁ ଏହାକୁ କେବଳ ରାଜ୍ୟ ଗୁଡ଼ିକ ଉପରେ ଛାଡ଼ି ନଦିଆଯାଇ ଯଦି ମିଳିତ ତାଲିକାରେ ଏ ବିଷୟକୁ ରଖାଯାଇପାରିବ ତେବେ ହୁଏତ ସମଗ୍ର ଦେଶର ଜଳ ପରିଚାଳନା ଲାଗି ସମାନ ଓ କଠୋର ଆଇନ କରିବା ସହଜ ହେବ। କିନ୍ତୁ ଏଥିପାଇଁ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ସହମତି ଲୋଡ଼ା। ଯାହାହେଲେ ବି କେନ୍ଦ୍ର ଓ ରାଜ୍ୟଗୁଡ଼ିକ ଉପଯୁକ୍ତ ସମନ୍ୱୟ ରକ୍ଷା କରି ଜଳସମ୍ପଦର ସୁରକ୍ଷା ଓ ପରିଚାଳନା ଲାଗି ଦୀର୍ଘମିଆଦୀ ଯୋଜନା କରନ୍ତୁ।

## ଶୈଳଜା ପଣ୍ଡାଙ୍କ ଶ୍ରାଦ୍ଧୋତ୍ସବ



ଯାଜପୁର (ପିଏନ୍)- ଯାଜପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ମୁଖ୍ୟ କିରାଣୀ ସ୍ୱର୍ଗତଃ ଶୈଳଜା ପଣ୍ଡାଙ୍କର ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉତ୍ସବ ତାଙ୍କର କିଆରିସୋରସ୍ଥିତ ବାସଭବନରେ ଅନୁଷ୍ଠିତ ହୋଇଯାଇଛି । ସ୍ୱର୍ଗତଃ ପଣ୍ଡାଙ୍କ ସ୍ମୃତି ଉଦ୍ଦେଶ୍ୟରେ ୧ ମିନିଟ୍ ନୀରବ ପ୍ରାର୍ଥନା କରାଯିବା ସହିତ ତାଙ୍କର ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯିବା ସଙ୍ଗେ ସଙ୍ଗେ ଧୂପ, ଦୀପ ପ୍ରଜ୍ୱଳନ କରାଯାଇଥିଲା । ପଣ୍ଡିତ ହୃଷିକେଶ ପତି ଗୀତାପାଠ କରିଥିଲେ । ଯାଜପୁରର ପୂର୍ବତନ ପୌରାଧ୍ୟକ୍ଷ ଭବପ୍ରସାଦ ଦାସ, ପୂର୍ବତନ ପୌରାଧ୍ୟକ୍ଷ ଆଲୋକ ବେହେରା, ପିସିସି ସମ୍ପାଦକ ସନ୍ତୋଷ କୁମାର ନନ୍ଦ, ଜିଲ୍ଲା କଂଗ୍ରେସ ଉପସଭାପତି ବିଭୂତି ଭୂଷଣ ମହାପାତ୍ର, ପ୍ରମେୟର ଏ.ଜି.ଏମ୍. ପୂର୍ଣ୍ଣଚନ୍ଦ୍ର ଦେଓ, ଅତିରିକ୍ତ ଜିଲ୍ଲାପାଳ ମିହିର ପ୍ରସାଦ ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ଅକ୍ଷୟ କୁମାର ମଲ୍ଲିକ, ଟିପିଏନ୍ଓଡିଏଲ୍ ର ଏସ୍.ଡି.ଓ ସୁଦୀପ୍ତ କୁମାର ବିଶ୍ୱାଳ, ଅଭୟ କୁମାର ପଣ୍ଡା, ମନୋଜ କୁମାର ପଣ୍ଡା, ସୁବାସ କୁମାର ପଣ୍ଡା, ସୌରଭ ପଣ୍ଡା, ଗୌରବ ପଣ୍ଡା, ଅକ୍ଷୟ ପଣ୍ଡା, ସୁଧାଂଶୁ ପଣ୍ଡା ପ୍ରମୁଖ ଉପସ୍ଥିତ ହୋଇ ସ୍ମୃତିଚାରଣ କରିଥିଲେ ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com


## ଆନନ୍ଦପୁର ପୌରପରିଷଦରେ ଜଳ ସଙ୍କଟ



ଆନନ୍ଦପୁର (ପିଏନ୍): ଆନନ୍ଦପୁର ପୌରପରିଷଦର ୩,୪ ଏବଂ ୫ନଂ ୱାର୍ଡରେ ଜଳ ସଙ୍କଟ ଦେଖିବାକୁ ମିଳିଛି । ଆନନ୍ଦପୁର ପୌରପରିଷଦର ଜନସ୍ୱାସ୍ଥ୍ୟ ବିଭାଗ ତରଫରୁ ୪ନଂ ୱାର୍ଡର ଦଳେଇ ସାହିର ମଠ ପାଖରେ ଥିବା ସାମ୍ପ୍‌ରୁ ପାଇପ୍ ଯୋଗେ ଦଳେଇ ସାହି, ତଳସାହି, ନନ୍ଦୀ ସାହି, କଂସାରୀ ସାହିକୁ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରାଯାଇଥିବାବେଳେ ଦୀର୍ଘଦିନ ହେବ ସାମ୍ପ୍ ଠାରୁ ଆସିଥିବା ଦଳେଇ ସାହିକୁ ପାଇପ୍‌ଟି ଫାଟି ଯାଇ ପାଣି ଲିକ୍ କରୁଥିବା ବେଳେ ଆନନ୍ଦପୁର ଜନସ୍ୱାସ୍ଥ୍ୟ ବିଭାଗକୁ ଜଣାଇବା ପରେ ୧୫ତାରିଖ ଦିନ ବିଭାଗୀୟ କର୍ମଚାରୀମାନେ ଉକ୍ତ ପାଇପ୍‌ଟିକୁ ମରାମତି କରିବା ସ ୍ୱ ପାଣି ଲିକ୍ କରୁଥିବା ଦେଖିବାକୁ ମିଳିଛି । ବିଭାଗ କ ୃପକ୍ଷ ଜାଣି ମଧ୍ୟ ପାଇପ୍‌ଟିକୁ ନବଦଳାଇ ପଳାଇ ଯାଇଥିବା ବେଳେ ୪ନଂ ୱାର୍ଡର କାଉନ୍‌ସିଲର ତଥା ପୌର ପରିଷଦର ଉପାଧ୍ୟକ୍ଷ ଦୁର୍ଗାଚରଣ ଦଳେଇ ସର୍ବୋଚ୍ଚ ଯନ୍ତ୍ରୀ ଜନସ୍ୱାସ୍ଥ୍ୟ ବିଭାଗକୁ ସାକ୍ଷାତ କରି ଜଳ ସମସ୍ୟା ନେଇ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କିଛି ସୁଫଳ ମିଳିପାରିନାହିଁ । ନୂତନ ପାଇପ୍ ପକାଇ କାର୍ଯ୍ୟ ଅଧାରୁ ବନ୍ଦ କରିଦେବା ବିଭାଗ କ ୃପକ୍ଷଙ୍କୁ ଦାୟୀ କରିବା ସହିତ ଉକ୍ତ କାମକୁ ଶେଷ ନକରି ପଳାଇଯିବା ଇତିମଧ୍ୟରେ ଯନ୍ତ୍ରୀଙ୍କ ଅବସର ସରିଥିବା ବେଳେ ତୁରନ୍ତ ନୂଆ ପାଇପ୍ ପକେଇବା ସହିତ ପୁରୁଣା ପାଇପ୍‌କୁ ମରାମତି କରିବା ପାଇଁ ୱାର୍ଡବାସୀ ଦାବି କରିଛନ୍ତି ।

## ନେଲୁଙ୍ଗ ଗ୍ରାମରେ ଚବିଶ ପ୍ରହର ନାମଯଜ୍ଞ ଉଦ୍‌ଯାପିତ



କେନ୍ଦୁଝର (ପିଏନ୍): କେନ୍ଦୁଝର ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ନେଲୁଙ୍ଗ ଗ୍ରାମ ନାଏକ ସାହିରେ ପବିତ୍ର ପଣା ସଂକ୍ରାନ୍ତି ଦିନଠାରୁ ୪ଦିନ ବ୍ୟାପି ଚବିଶ ପ୍ରହର ନାମଯଜ୍ଞ ଉଦ୍‌ଯାପିତ ହୋଇଯାଇଛି । ନାଏକ ସାହିର ବହୁ ପୁରାତନ ଅନୁଷ୍ଠାନରେ ପ୍ରତ୍ୟେକ ବର୍ଷ ନାମଯଜ୍ଞ କାର୍ଯ୍ୟକ୍ରମ ବେଶ୍ ଧୁମଧାମରେ ପାଳିତ ହୋଇଥାଏ । ବିଗତ ବର୍ଷ ମାନଙ୍କରେ କରୋନା ଯୋଗୁଁ ଏହି କାର୍ଯ୍ୟକ୍ରମ ପାଳିତ ହେଉନଥିଲା । ଚଳିତ ବର୍ଷ ଆୟୋଜକଙ୍କ ସହ ୬ ଗୋଟି ସଂକୀ ର୍ନ ଦଳ ଯଥା- ଆୟୋଜକ ନେଲୁଙ୍ଗ ରାଧାମାଧବ ମହିଳା ସଂକୀ ର୍ନ ମଣ୍ଡଳୀ, ତେଲୋଇ ଓରିଆ ମହିଳା ସଂକୀ ର୍ନ ମଣ୍ଡଳୀ, ଛାମୁଣ୍ଡା ମହିଳା ସଂକୀ ର୍ନ ମଣ୍ଡଳୀ, ସରୁଆଳି (ଜଗମୋହନପୁର) ପୁରୁଷ ଦଳ, ଡଳଙ୍ଗ ପୁରୁଷ ଦଳ ଓ ନେଲୁଙ୍ଗ ଗ୍ରାମର ମଝିସାହି କୀ ର୍ନ ଦଳ ଭାଗ ନେଇଥିଲେ । ନାମ ସଂକୀ ର୍ନ ଶ୍ରବଣ କରିବା ପାଇଁ ଆଖପାଖ ବହୁ ଗ୍ରାମର ମହିଳା ଏବଂ ପୁରୁଷ ଶ୍ରଦ୍ଧାଳୁ ଭାଗ ନେଇଥିଲେ । ବିଶେଷ କରି ମହିଳାମାନେ ସନ୍ଧ୍ୟା ପରଠାରୁ ବହୁ ମାତ୍ରାରେ ଯୋଗ ଦେବାର ପରିଲକ୍ଷିତ ହୋଇଥିଲା । ସମଗ୍ର ପରିବେଶ ୪ ଦିନ ଧରି ବେଶ୍ ଭକ୍ତି ଭାବମୟ ହୋଇ ପଡିଥିଲା । ଏଥିରେ ନେଲୁଙ୍ଗ ଗ୍ରାମ ପଂଚାୟତର ବ ର୍ମାନର ସରପଂଚ ଓ ପୂର୍ବତନ ସରପଂଚ, ସମିତିସଭ୍ୟ ପ୍ରମୁଖ ଅକୁଣ୍ଠିତ ସାହାଯ୍ୟ କରିଥିଲେ । ଯଜ୍ଞର କ ର୍ା ଭାବେ ଟୁଲୁ ଦାସ ଓ ପୂଜକ ଭାବେ ମଧୁସୂଦନ ମିଶ୍ର ଯଜ୍ଞ କାର୍ଯ୍ୟ ନିର୍ବାହ କରିଥିଲେ । ନାମଯଜ୍ଞର ଆୟୋଜକ ଗୁରୁ ସତ୍ୟାନନ୍ଦ ନାଏକ ଓ କମିଟି ସଭ୍ୟ ରଙ୍କ ଦାସ, ଗଙ୍ଗାଧର ନାଏକ, ଶଙ୍କର୍ଷଣ ନାଏକ,ଜୟକୃଷ୍ଣ ଚୌଧୁରୀ, ଚନ୍ଦ୍ର ନାଏକ, କାଳି ଚରଣ ପରିମାଣିକ, ପ୍ରସନ୍ନ ନାଏକ ତଥା କମିଟିର ସମସ୍ତ ସଦସ୍ୟ ଏହାକୁ ସୁଚାରୁରୂପେ ପରିଚାଳନା କରିଥିଲେ । ଉଦ୍‌ଯାପନ ଦିବସରେ ହଜାର ହଜାର ଶ୍ରଦ୍ଧାଳୁ ପ୍ରସାଦ ସେବନ କରିଥିଲେ । କମିଟିର ବରିଷ୍ଠ ସଦସ୍ୟ ସତ୍ୟାନନ୍ଦ ନାଏକ ଆଗାମୀ ଦିନରେ ଏହି ଅନୁଷ୍ଠାନର ଉନ୍ନତି ପାଇଁ ସମସ୍ତଙ୍କ ସହଯୋଗ ଭିକ୍ଷା କରିଥିଲେ ।

## ପ୍ରବାଦପୁରୁଷ ବିଜୁବାବୁଙ୍କ ୨୫ତମ ଶ୍ରାଦ୍ଧ ଦିବସ କାର୍ଯ୍ୟକ୍ରମ

କେନ୍ଦୁଝର (ପିଏନ୍): ପ୍ରବାଦପୁରୁଷ ବିଜୁବାବୁଙ୍କ ୨୫ତମ ଶ୍ରାଦ୍ଧ ଦିବସ ଉପଲକ୍ଷେ କେନ୍ଦୁଝର ଜିଲ୍ଲା ପ୍ରେମଲତିକା କଳାଭବନ ଠାରେ ବିଜେଡି ଜିଲ୍ଲା ସଭାପତି ମାଧବ ସର୍ଦ୍ଦାରଙ୍କ ସଭାପତିତ୍ୱରେ ଏକ ସ୍ମୃତିସଭା ଆୟୋଜନ କରାଯାଇଥିଲା । ଏଥିରେ ଆଶିଷ ଚକ୍ରବ ର୍ି, ସୌମ୍ୟଶଙ୍କର ଚକ୍ର, କାନନ ବିହାରୀ ପହି, ବରଦା ପ୍ରସନ୍ନ ଦାସ, ଭରତ ପାତ୍ର ପ୍ରମୁଖ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ବରିଷ୍ଠ ଜିଲ୍ଲା ସଭାପତି ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ବ୍ଲକ ବ୍ୟାଙ୍କ୍ ଠାରେ ଏକ ରକ୍ତଦାନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଏଥିରେ ୪୩ଜଣ କର୍ମୀ ରକ୍ତଦାନ କରିଥିଲେ । ସବିତା ପଟ୍ଟନାୟକ, ଶରତ ସାହୁ, କେ. କାକଳୀ ପ୍ରମୁଖ କାଉନ୍‌ସିଲରଗଣ ରକ୍ତଦାନ କରିଥିଲେ । ସକାଳ ୮.୩୦ ମିନିଟ୍ ସମୟରେ ଥାନାଛକ ସ୍ଥିତ ବିଜୁବାବୁଙ୍କ ପ୍ରତିମୂ ର୍ିରେ ବିଜେଡି ସଭାପତି ମାଧବ ସର୍ଦ୍ଦାର, ସାଂସଦ ଚନ୍ଦ୍ରାଣୀ ମୁର୍ମୁ, ଆଶିଷ ଚକ୍ରବ ର୍ି, ସୌମ୍ୟ ଶଙ୍କର ଚକ୍ର, ପ୍ରମୋଦ ପଟ୍ଟନାୟକ, କାନନ ବିହାରୀ ପହି, ବରଦାପ୍ରସନ୍ନ ଦାସ,ଚକ୍ରଧର ପରିଡା, ପୂର୍ଣ୍ଣଚନ୍ଦ୍ର ସାହୁ, କପିନ ଆନସାରୀ, ଡମ୍ବରୁ ଦାସ, ବିପିନ ଆପଟ୍ଟ, ବାସୁଦେବ ଜେନା ତଥା କେନ୍ଦଝର ପୌରପାଳିକାର ସମସ୍ତ କାଉନ୍‌ସିଲର ଉପସ୍ଥିତ ରହି ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଏହି ଅବସରରେ ପୁରୁଣା ବଜାର ବଡଦାଣ୍ଡରେ ସକାଳ ୭.୩୦ ମିନିଟ୍ ସମୟରେ ସଫେଇ କାର୍ଯ୍ୟକ୍ରମ ମଧ୍ୟ କରାଯାଇଥିଲା । ଏଥିରେ ବିଜେଡି ଜିଲ୍ଲା ସଭାପତି ମାଧବ ସର୍ଦ୍ଦାର, କେନ୍ଦୁଝରଗଡ ପୌରପାଳିକାର ଉପ-ନଗରପାଳ ବରଦା ପ୍ରସନ୍ନ ଦାସ, ୧ନଂ ୱାର୍ଡର କାଉନ୍‌ସିଲର ଶରତ ଚନ୍ଦ୍ର ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

## ଅବସରପ୍ରାପ୍ତ ସ୍କୁଲ ଏସ୍.ଆଇ.ଙ୍କ ବଦାନ୍ୟତା



ଘଷିପୁରା (ପିଏନ୍): ଘଷିପୁରା ବ୍ଲକ ଅନ୍ତର୍ଗତ ସାଇଁକୁଳ ଗ୍ରାମଠାରେ ମା'ହିଙ୍ଗୁଳା ପୀଠରେ ଏକ ନୂତନ ସ୍ଥାୟୀ ରୋଷଘର ଓ ଭଣ୍ଡାର ଗୃହ ଗ୍ରାମର ଅବସରପ୍ରାପ୍ତ ସ୍କୁଲ ଏସ.ଆଇ. ତଥା ସମାଜସେବୀ ନୀଳମଣି ପରିଡା ନିଜ ପେନ୍‌ସନ ଟଙ୍କାରେ ନିର୍ମାଣ କରିଛନ୍ତି । ଉକ୍ତ ଗୃହ ଗତ ମହାବିଷୁବ ସଂକ୍ରାନ୍ତି ଦିନ ଅବସରପ୍ରାପ୍ତ ଶିକ୍ଷକ ଗୋପୀନାଥ ସ୍ୱାଇଁ, ପୂର୍ବତନ ସରପଂଚ ବିଭାସ ଚନ୍ଦ୍ର ନାୟକଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି । ନୀଳମଣି ପରିଡ଼ାଙ୍କ ଏହି କାର୍ଯ୍ୟକୁ ସ୍ଥାନୀୟ ଗ୍ରାମବାସୀ ଓ ବହୁ ଶ୍ରଦ୍ଧାଳୁ ପ୍ରଶଂସା କରିଛନ୍ତି ।




## ଗ୍ଲୋବାଲ ସ୍କୁଲ ଆୱାର୍ଡ଼ ପାଇଲେ ସିନାପାଲି ଶିକ୍ଷକ

ନୂଆପଡା,(ପିଏନ)- ନୂଆପଡା ଜିଲ୍ଲା ସିନାପାଲି ବ୍ଲକ ଅନ୍ତର୍ଗତ ଜାମପାଣି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ହୃଦାନନ୍ଦ ମେହେର ଗ୍ଲୋବାଲ୍ ସ୍କୁଲ୍ ଆୱାର୍ଡ୍ ପାଇଥିବା ଜଣାପଡିଛି। ତାଙ୍କୁ ଗ୍ଲୋବାଲ୍ ସ୍କୁଲ୍ ଆୱାର୍ଡ୍ ଓ ଏଜୁକେସନ୍ ଟିଭି ତରଫରୁ ଲାଇଭ୍ କନ୍‌ଫରେନ୍ସ ମାଧ୍ୟମରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ତାଙ୍କୁ ବେଷ୍ଟ ଟିଚର୍ ଅଫ୍ ଦ ଇଅର ଭାବରେ ପୁରସ୍କୃତ କରାଯାଇଥିଲା । ଶ୍ରୀମେହେରଙ୍କ ଏଭଳି ସଫଳତାକୁ ନେଇ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁ ଥିବା ଦେଖିବାକୁ ମିଳିଛି। ପ୍ରକାଶ ଯେ ପୂର୍ବରୁ ଶ୍ରୀମେହେର ରାଜ୍ୟ ତଥା ଜାତୀୟ ସ୍ତରରେ ବିଭିନ୍ନ ଅନୁଷ୍ଠାନ ତରଫରୁ ଜଣେ ଆଦର୍ଶ ଶିକ୍ଷକ ଭାବରେ ସମ୍ମାନୀତ ହୋଇ ଚର୍ଚ୍ଚାରେ ରହି ଆସିଛନ୍ତି। ଗ୍ରାମା ଳରେ ପ୍ରାଥମିକ ଶିକ୍ଷାର ବିସ୍ତାର, ଆଦିବାସୀ ଓ ଦାଦନ ପ୍ରବଣ ଅଂଚଳରେ ପ୍ରାଥମିକ ଶିକ୍ଷାର ବିକାଶ ପାଇଁ ସଫଳ ଉଦ୍ୟମ ଓ ପ୍ରଚେଷ୍ଟା, ନୂତନ ଓ ଅଭିନବ ଶିକ୍ଷା ପଦ୍ଧତି ଏବଂ ଶିକ୍ଷକ ସଂଗଠନରେ ସଫଳ ନେତୃତ୍ୱ ପାଇଁ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥିବା ଜଣାପଡିଛି। ଜଣେ ଶିକ୍ଷକ ସଂଗଠକ, ସିଆର୍‌ସିସି ଭାବରେ ସେ ସୁପରିଚିତ । କିଛି ମାସ ତଳେ ତାଙ୍କୁ ଗାନ୍ଧୀଜୀଙ୍କ ନୀତି ଓ ଆଦର୍ଶର ପ୍ରଚାର ପ୍ରସାର ପାଇଁ ଭୁବନେଶ୍ୱର ସ୍ଥିତ ଗାନ୍ଧୀ ଶାନ୍ତି ଫାଉଣ୍ଡେସନ୍ ତରଫରୁ ସମ୍ମାନ ସୂଚକ ଡକ୍ଟରେଟ୍ ଉପାଧି ପ୍ରଦାନ କରାଯାଇଥିଲା ।

## ଏସିଆନ ଡେଭଲ୍‌ପମେଂଟ ବ୍ୟାଙ୍କ ସହାୟତାରେ ହେଉଥିବା ପ୍ରକଳ୍ପରେ ଶ୍ରମିକ ଓ ଅଧିବାସୀ ଦାବୀ ସୁରକ୍ଷିତ ହେବା ଆବଶ୍ୟକ

ଭୁବନେଶ୍ୱର,(ପି.ଏନ): ଏସିଆନ ଉନ୍ନୟନ ବ୍ୟାଙ୍କରେ ସହାୟତାରେ ପଡ଼ିରହୁଥିବା ବିଭିନ୍ନ ପ୍ରକଳ୍ପରେ ଶ୍ରମିକ, କର୍ମଚାରୀ ଅଧିବାସୀ ଓ ଆଦିବାସୀମାନଙ୍କର ଦାବୀ ଓ ଅଧିକାର ସୁରକ୍ଷା ହେବା ଆବଶ୍ୟକ। ତଥା ଏହି ପ୍ରକଳ୍ପରେ କେନ୍ଦ୍ର ସରକାର, ରାଜ୍ୟ ସରକାର ଘରୋଇ ଉଦ୍ୟୋଗ କାର୍ଯ୍ୟ କରୁଥିବା ମୁଖ୍ୟକାର୍ଯ୍ୟ ବିଭିନ୍ନ ସବ କଂଟ୍ରାକ୍ଟର ଲେବର, ସପ୍ଲାଇ କଂଟ୍ରାକ୍ଟର କରୁଥିବାରୁ ସବ କଂଟ୍ରାକ୍ଟରମାନଙ୍କରରେ ଯୋଗ୍ୟତା ଓ ଅଭିଜ୍ଞତା ପୁଂଖାନୁପୁଂଖ ପରୀକ୍ଷା କରିବା ସହିତ ସମସ୍ତ ସବ୍ କଂଟ୍ରାକ୍ଟର ଓ ଲେବର ସପ୍ଲାଇ କଂଟ୍ରାକ୍ଟର ମଧ୍ୟ ସମସ୍ତ ଶ୍ରମ ଆଇନ ଓ ଏସିଆନ ଓ ଏସିଆନ ଡେଭେଲ୍‌ପମେଂଟ ବ୍ୟାଙ୍କର ନିତୀ ନିୟମ ମାନିବା ପାଇଁ ଉକ୍ତି ସ୍ୱାକ୍ଷର କରିବା ଆବଶ୍ୟକ ଏବଂ ଆମ ଦେଶରେ ନିର୍ମାର୍ୟ ଶ୍ରମିକ ଶ୍ରମ ସଂଗଠନ ବୋର୍ଡ଼ ଥିବାରୁ ଏବଂ ପ୍ରତ୍ୟେକ ନିର୍ମାଣ ପ୍ରୋଜେକ୍ଟର ୧ ପ୍ରତିଶତ ନିର୍ମାଣ ଶ୍ରମିକ ବୋର୍ଡ଼କୁ ଦିଆଯାଉଥିବାରୁ ନିର୍ମାଣ ବୋର୍ଡ଼ରେ କାର୍ଯ୍ୟ କରୁଥିବା ସମସ୍ତ ଶ୍ରମିକ ବାଧ୍ୟତାମୂଳକ ଭାବେ ନିର୍ମାଣ ଶ୍ରମିକ ଶ୍ରମ ସଂଗଠନ ବୋର୍ଡ଼ରେ ସଦସ୍ୟ ହେବା ଆବଶ୍ୟକ ବୋଲି ତା. ୨୧/୦୨/୨୦୨୪ ରିଖରେ ଏସିଆନ ଭେଭଲପମେଂଟ ବ୍ୟାଙ୍କ ତରଫରୁ ନୂତନ ପ୍ରୋଜେକ୍ଟ ପାଇଁ ଶ୍ରମିକ, କର୍ମଚାରୀ, ଦାଦିବାସୀ ଏବଂ ଅଧିବାସୀମାନ୍କ ପାଇଁ ପରିବେଶ ସୁରକ୍ଷା ପାଇଁ ଶ୍ରମିକ ୟୁନିଅନ, ସାମାଜିକ କର୍ମୀ, ମାନଙ୍କ ସହ ଏକ ବୈଠକରେ ଯୋଗଦେଇ ରାଷ୍ଟ୍ରୀୟ ମଜଦୁର ଜାତୀୟ ଉପସଭାପତି ତଥା ନିର୍ମାଣ କର୍ମଚାରୀ ମହାସଂଘର ସଭାପତି ଡ. ରାମଚନ୍ଦ୍ର ଖୁଂଟିଆ କହିଥିଲେ। ଏସିଆନ ଡେଭଲେପ୍‌ମେଂଟ ବ୍ୟାଙ୍କରେ ଆୟୋଜିତ ଏହି ବୈଠକରେ ବୁସ ଦୁନ, ଟାକାଓ ମାରିଣ, ମିନାକ୍ଷୀ ଆଦମେରା, ଦେହେରା ଆବାଶ, ମଧୁସ୍ମିତା ଗୁପ୍ତା ଆନ୍ତର୍ଜାତିକ ନିର୍ମାଣ ଅଧିକାରୀ ମହାସଂଘ ତରଫରୁ ଶ୍ରୀମତୀ ସଗୁଫଣ ରିଆଜ, ଇସିତା ଚକ୍ରବତି ପ୍ରମୁଖ ଭାଗନେଇ ଆଲୋଚନାରେ ଭାଗ ନେଇଥିଲେ। ଏସିଆ ଓ ପ୍ରଶାନ୍ତ ମହାସାଗରୀୟ ଅଂଚଳରେ ବିଭିନ୍ନ ଦେଶ ପାଇଁ କେନ୍ଦ୍ର ସରକାର, ରାଜ୍ୟ ସରକାର ଅଂଚଳରେ ବିଭିନ୍ନ ଦେଶ ପାଇଁ କେନ୍ଦ୍ର ସରକାର, ରାଜ୍ୟ ସରକାର, ଘରୋଇ କଂପାନୀକୁ ଏସିଆ ଉନ୍ନୟନ ବ୍ୟାଙ୍କ ନେଉଥିବା ବିଭିନ୍ନ ପ୍ରକଳ୍ପକୁ ଦେଉଥିବା ଋଣ ପାଇଁ ଶ୍ରମିକ କର୍ମଚାରୀ, ଅଧିବାସୀ, ଆଦିବାସୀ, ପରିବେଶ, ଜମିଅଧି ଗ୍ରହଣ, କ୍ଷତିପୁରଣ ପାଇଁ ଆଗାଂମୀ ୩ ବର୍ଷ ପାଇଁ ନିତିନିୟମ ନିର୍ଦ୍ଧାରଣ କରିବା ପାଁ ଏସିଆନ ଉନ୍ନୟ ବ୍ୟାଙ୍କ ତରଫରୁ ଜାତୀୟ ସ୍ତରରେ ଏହି ବୈଠକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା ଏବଂ ଶ୍ରମିକ କର୍ମଚାରୀମାନଙ୍କ ତରଫରୁ ଏକାମତ୍ର ପ୍ରତିନିଧି ଭାବେ

## ଦେଶର ସର୍ବାଧିକ ୧୪% ଡିଜିଟାଲ୍ ଠକେଇ ଭୁବନେଶ୍ୱରରେ: ବାୟୋକ୍ୟାଚ୍ ତଥ୍ୟ

**ଭୁବନେଶ୍ୱର:** ଡିଜିଟାଲ୍ ଠକେଇ ଚିହ୍ନଟ କରିବାର ଅଗ୍ରଣୀ ସଂସ୍ଥା ବାୟୋକ୍ୟାଚ୍‌ର ଏକ ରିପୋର୍ଟ ଅନୁସାରେ ଭୁବନେଶ୍ୱରର ଗ୍ରାହକମାନେ ସର୍ବାଧିକ (୧୪%) ଡିଜିଟାଲ୍ ଠକେଇରସାମ୍ନା କରିଥାନ୍ତି। ଦେଶର ଅନ୍ୟ କୌଣସି ସ୍ଥାନଅପେକ୍ଷା ଏଠାରେ ସର୍ବାଧିକ। ଡିଜିଟାଲ୍ ଠକେଇରେ ଲକ୍ଷ୍ନୌ ଓ ନଭି ମୁମ୍ବାଇର ଭାଗ ୩.୪ ପ୍ରତିଶତ ରହିଛି।"ଅଧୁନିକ ପିଢ଼ିର ଠକମାନଙ୍କ ଠାରୁ ପୂର୍ବରୁ ପ୍ରଚଳିତ ଓଟିପି ବ୍ୟବସ୍ଥାମାନ୍ମରେ ଗ୍ରାହକମାନେସୁରକ୍ଷିତନାହାନ୍ତି", ବୋଲିଫାଷ୍ଟ ଆବୁଧାବି ବ୍ୟାଙ୍କରଠକେଇ ନିରୋଧ ବିଶେଷଜ୍ଞତଥାପୂର୍ବତନ ଠକେଇ ନିରୋଧ ଏବଂ ଅନୁସନ୍ଧାନର ମୁଖ୍ୟ ଚରଣଜିତ ସିଂହ ଭାଟିଆ କହିଛନ୍ତି। ସଠିକ ପ୍ରଯୁକ୍ତି ଓ କାର୍ଯ୍ୟକାରିତ। ଜରିଆରେସାଇବର / ଡିଜିଟାଲସୁରକ୍ଷା ପ୍ରଦାନ ଲାଗିବ୍ୟାଙ୍କମାନେ ବର୍ତ୍ତମାନ ଯାହା କରୁଛନ୍ତି, ଆହୁରି ବହୁତ କିଛି ପରିବର୍ତ୍ତନ ଆଣିପାରିବେବୋଲି ସେ କହିଛନ୍ତି।ବାୟୋକ୍ୟାଚ୍‌ର ୨୦୨୪ ଭାରତରେ ଡିଜିଟାଲ୍ ବ୍ୟାଙ୍କିଙ୍ଗ ଠକେଇ ଧାରା ରିପୋର୍ଟରେ ଦେଶରେ ଠକେଇ ବିପଦ ଓ ମୁକାବିଲା ଉପରେ ଗଭୀର ଭାବେ ଆଲୋକପାତ କରଯାଇଛି। ବ୍ୟାଙ୍କଗୁଡ଼ିକ ଦ୍ରୁତ ଗତିରେ ନିଜର ଡିଜିଟାଲ୍ ରୂପାନ୍ତରଣ ରଣନୀତିକୁ ଆଗକୁ ବଢ଼ାଇଥିବାରୁ ଠକେଇର ମୁକାବିଲା କରିବା ଜରୁରୀ ହୋଇପଡ଼ିଛି। ବାୟୋକ୍ୟାଚ୍ ଅନୁଶୀଳନରୁ ଜଣାପଡ଼ିଛି ଯେ ଦେଶର ଏକ ସହଯୋଗୀ ବ୍ୟାଙ୍କରେ ପ୍ରତି ୧୦ ମ୍ୟୁଲ୍ ଖାତାରୁ ୯ଟି ଖାତାକୁ ଚିହ୍ନଟ କରାଯାଇପାରୁନାହିଁ। **ବାୟୋକ୍ୟାଚ୍‌ର ଗ୍ଲୋବାଲ୍‌ 'ଡ୍ ଇଂଟେଲିଜେନ୍‌ସ ନିର୍ଦ୍ଦେଶକ ଟମ୍ ପିକକ୍** କହିଛନ୍ତି ଯେ, "ବ୍ୟାଙ୍କିଙ୍ଗଠକେଇ ଖାତାର ବ୍ୟାପକତା ସମଗ୍ର ଠକେଇ କ୍ଷେତ୍ରରେ କେବଳଏକ ନଜରରେ ଥିବା ଧାରାକୁ ଇଙ୍ଗିତ କରୁଛି।

## ଜୀବନ କୌଶଳ ଶିକ୍ଷା ମାଧ୍ୟମରେ ରକ୍ତହୀନତା ଦୂର ନିମନ୍ତେ ପ୍ରୟାସ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲାର ଅପହଂଚ ଇଲାକା ବାଲନ୍ଦାପଡା, ଲୁଇସିଙ୍ଗି, କୁଏରମାଣ୍ଡୁ ଓ ପାହିରାଜୁ ଅଂଚଳର ୪୦ ଜଣ କିଶୋରୀ ବାଳିକାଙ୍କୁ ନେଇ ୨ ଦିନିଆ ଜୀବନ କୌଶଳ ଶିକ୍ଷା ସମ୍ବନ୍ଧୀୟ ତାଲିମ୍ ଆୟୋଜିତ ହୋଇଯାଇଅଛି। ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଓ କ୍ରାଏ, କୋଲକାତାଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିଶୁ ମାନଙ୍କର ଅଧିକାର, ଯୌନ ପ୍ରଜନନ ସ୍ୱାସ୍ଥ୍ୟ, ସ୍ୱାସ୍ଥ୍ୟ ଓ ପୁଷ୍ଟି ଶିକ୍ଷା, ଫଳପ୍ରଦ ଯୋଗାଯୋଗ, ଆବେଗ ଜନିତ ଶିକ୍ଷା, ହିଂସା ଓ ଏହାର ପ୍ରକାର ଭେଦ ଇତ୍ୟାଦି ବିଷୟକୁ ଗୁରୁତ୍ୱ ଦେଇ କିଶୋରୀ ମାନେ ଆଗାମୀ ଦିନରେ କିପରି ସୁସଂଗଠିତ ହୋଇ ବାଲ୍ୟ ବିବାହ ଓ ମହିଳା ମାନଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ରୋକି ପାରିବେ ତାହା ପ୍ରୟାସ କରାଯାଇଥିଲା। ତାଲିମର ଉଦ୍‌ଯାପନି ଦିବସରେ ଫିରିଙ୍ଗିଆ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଶ୍ରୀମତୀ ମଞ୍ଜୁଳା ପ୍ରଧାନ ଯୋଗଦେଇ ଜୀବନ କୌଶଳ ଶିକ୍ଷା ମାଧ୍ୟମରେ କିଶୋରୀମାନେ ସଚେତନ ହୋଇ ଅଙ୍ଗନୱାଡି କେନ୍ଦ୍ରକୁ ଆସୁଥିବା ବିଭିନ୍ନ ସୁବିଧା ସୁଯୋଗକୁ ହାତେଇ ପାରିବେ ତା ଉପରେ ଗୁରୁତ୍ୱ ଦେଇଥିଲେ। ତତ୍ ସହିତ ପ୍ରତି ସପ୍ତାହର ଶନିବାର ଅଙ୍ଗନୱାଡି କେନ୍ଦ୍ରରେ ଆୟୋଜିତ ହେଉଥିବା କିଶୋରୀ ସ୍ୱାସ୍ଥ୍ୟ ଦିବସରେ ଅଧିକରୁ ଅଧିକ ଯୋଗଦାନ କରି ସ୍ୱାସ୍ଥ୍ୟ ସମ୍ପର୍କୀତ ଶିକ୍ଷା ଗ୍ରହଣ କରିବା ସହିତ ରକ୍ତହୀନତା ଦୂର କରିବା ପାଇଁ ଲୌହ ବଟିକା ନିୟମିତ ସେବନ ନିମନ୍ତେ ଆହ୍ୱାନ ଦେଇଥିଲେ। ଏଥି ସହିତ ବନ୍ଧଗଡ ସେକ୍ଟରର ସୁପରଭାଇଜର ଶ୍ରୀମତି ସଜିତା ସାହୁ ଯୋଗଦେଇ କୋରୋନା ସମୟରେ ସରକାରଙ୍କର ନିୟମକୁ ମାନି ସାମାଜିକ ଦୂରତା, ମାସ୍କର ନିଶ୍ଚିତ ବ୍ୟବହାର ଓ ବାରମ୍ବାର ହାତ ଧୋଇବା ସହିତ ସମସ୍ତ ପ୍ରକାରର ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବା ନିମନ୍ତେ ପରାମର୍ଶ ଦେଇଥିଲେ। ସ୍ୱାତୀର ସମ୍ପାଦକ ଇଂ ହରିଶଙ୍କର ରାଉତ ଉପସ୍ଥିତ ରହି ତାଲିମାର୍ଥୀ ମାନଙ୍କୁ ଜୀବନରେ ବିଭିନ୍ନ ସମୟରେ ଆସୁଥିବା ସଙ୍କଟ ଓ ମହିଳା ମାନଙ୍କ ଉପରେ ଲଦିଦିଆଯାଉଥିବା ଅଧିକ ଦାୟିତ୍ୱକୁ କିଭଳି ତୁଲାଇବାକୁ ହୁଏ ତାହା ଆଶା କର୍ମୀ ଓ ଅଙ୍ଗନୱାଡି କର୍ମୀଙ୍କ ନିକଟରୁ ଶିଖିବା ନିମନ୍ତେ ଉପଦେଶ ଦେଇଥିଲେ। ତାଲିମ୍ କାର୍ଯ୍ୟକ୍ରମରେ ତାଲିମ୍ ଦାତା ଭାବରେ ଶସ୍ମିତା ବେହେରା, ସରସ୍ୱତୀ ବିନ୍ଧାଣୀ, ପ୍ରଦୀପ କୁମାର ସ୍ୱାଇଁ ଓ ବିଶ୍ୱରଞ୍ଜନ କର ତାଲିମ୍ ପ୍ରଦା କରିଥିବା ବେଳେ ନିହାରିକା ବେହେରା ତାଲିମ୍ ପରିଚାଳନା କରିଥିଲେ।

## ଅଜଣା ରୋଗ ନେଲାଣି ୭ ଜୀବନ, ଗୁଣିଆ ଭରଷାରେ ଗ୍ରାମବାସୀ

ମାଲକାନଗିରି, (ପିଏନ)- ମାଲକାନଗିରି ଜିଲ୍ଲାର କାଲିମେଳା ବ୍ଲକ ଅନ୍ତର୍ଗତ ଦୁର୍ଗମ ସାନଟେକଗୁଡା ଗ୍ରାମରେ ଅଜଣା ରୋଗରେ ଯାଇଛି ୭ ଗ୍ରାମବାସୀଙ୍କ ଜୀବନ । ଗ୍ରାମରେ ଏହି ଘଟଣାକୁ ନେଇ ଏକ ପ୍ରକାର ଆତଙ୍କ ଖେଳିଯାଇଥିବା ବେଳେ ଗୁଣିଆ ସାଜିଛି ଏକ ମାତ୍ର ସାହା ଭରସା ! କାଲିମେଳା ବ୍ଲକ ଦୂର୍ଗମ ଅଂଚଳ ଭାବରେ ପରିଚିତ ସାନଟେକଗୁଡା ଗ୍ରାମରେ ୫୨ ଆଦିବାସୀ ସମ୍ପ୍ରଦାୟ ର ଲୋକେ ବସବାସ କରୁଛନ୍ତି ! ସେମାନଙ୍କ ପାଇଁ ବିଶୁଦ୍ଧ ପାଣି ସାତସପନ ପାଲଟିଛି। ଗ୍ରାମରେ ଥିବା ନଳକୂଅ ପାଣି ପିଇବା ଉପଯୋଗି ନୁହେଁ । ସେଥିରେ ନାଲି ରଙ୍ଗର ଗୋଳିଆ ପାଣି ବାହାରୁଛି । ଲୋକ ମାନେ ବାଧହୋଇ ଏହି ଗୋଳିଆ ପାଣି ପିଇ ମୃତ୍ୟୁମୁଖରେ ପଡୁଥିବାର ଦେଖିବାକୁ ମିଳିଛି।ଏଥି ସହିତ ଗ୍ରାମବାସୀମାନେ ନିକଟସ୍ଥ ନାଳ ଓ ଝରଣା ପାଣି ମଧ୍ୟ ପିଇବାକୁ ବାଧ ହେଉଛନ୍ତି। ଗ୍ରାମରେ ୩ ବର୍ଷ ତଳେ ୨ଲକ୍ଷ ଟଙ୍କା ବ୍ୟୟରେ ଏକ ପାନୀୟ ଜଳ ପ୍ରକଳ୍ପ ହୋଇଥିଲେ ମଧ୍ୟ ତାହା ଏବେ ଅକାମୀ ହୋଇପଡ଼ି ରହିଛି। ଫଳରେ ସାନଟେକଗୁଡା ଗ୍ରାମବାସୀ ବିଶୁଦ୍ଧ ପାଣି ଟୋପାଏ ପାଇପାରୁ ନଥିବାର ଅଭିଯୋଗ କରିଛନ୍ତି। ଏହି ଦୂଷିତ ପାଣି ପିଇ ପ୍ରାୟ ୨ମାସଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନ ଗଲାଣି। -ସାନଟେକଗୁଡା ଗ୍ରାମରେ ଗତ ୨ମାସ ଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କର ଜୀବନ ଯାଇଥିଲେ ମଧ ଲୋକମାନେ ଏବେ ବି ସଚେତନ ହୋଇନାହାନ୍ତି। ପାଣି ପିଇ ଯଦି କାହାର ଦେହ ଖରାପ ହୁଏ ଗୁଣିଆ ଦ୍ୱାରା ରୋଗୀମାନଙ୍କୁ ଝଡାଫୁଙ୍କା କରା ଯାଉଥିବାର ଦୃଶ୍ୟ ଦେଖିବାକୁ ମିଳିଛି। ଲୋକମାନେ ଡ଼ାକ୍ତରଖାନାଯିବା ପରିବର୍ତେ ଗୁଣିଆ ନିକଟକୁ ଯିବାର ଦେଖି ବାକୁ ମିଳିଛି। ଏହି ଗ୍ରାମବାସୀଙ୍କ ନିକଟରେ ଏ ପର୍ଯ୍ୟନ୍ତ ପହଂଚି ନାହିଁ ନି କୋଣସି ସରକାରୀ ସଚେତନତା। ଯାହା ଫଳରେ ଏହି ଗ୍ରାମରେ ଲୋକମାନେ ଗୁଣିଗାରେଡି ଉପରେ ଭରସା କରି ଆସୁଛନ୍ତି ।

## ଦୁର୍ନୀତି ବିରୋଧରେ ଜିଲ୍ଲାପାଳଙ୍କ ହସ୍ତକ୍ଷେପ ଦାବି କଲେ ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳର ଅଧ୍ୟାପକ ଓ ଅଧ୍ୟାପିକା

ବାରିପଦା, (ପିଏନ)-ମୟୂରଭଞ୍ଜ ଜିଲ୍ଲା ଉଦଳା ଥାନା ଅନ୍ତର୍ଗତ ରାଢ଼ୋ ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଆଦିକନ୍ଦ ଦେଙ୍କ ବିରୋଧରେ ମହାଦୁର୍ନୀତିର ଅଭିଯୋଗ ଆଣି ଘଟଣା ଉପରେ ଜିଲ୍ଲାପାଳଙ୍କ ହସ୍ତକ୍ଷେପ କରିବା ଦାବିରେ ଆଜି ମହାବିଦ୍ୟାଳୟର ଅରବିନ୍ଦ ସେଠୀ, ସମୀର କୁମାର ନାୟକ, ହରପ୍ରିୟା ବେହେରା, ଗୀତିକା ଜେନା, ଜ୍ୟୋତିଶା ମାଝି, ମଧୁସ୍ମିତା ପାତ୍ର, ମନୋଜ ଦଳେଇ, ଗୌରାଙ୍ଗଚନ୍ଦ୍ର ମହାପାତ୍ର, ରାଜୀବ କୁମାର ଗିରି, ତପନ କୁମାର ସାହୁ, ଶୁଭଶ୍ରୀ ନନ୍ଦ, ବିପୀନ ବିହାରୀ ସିଂ, ପଙ୍କଜ କୁମାର ପଣ୍ଡା ପ୍ରମୁଖ ଅଧ୍ୟାପକ, ଅଧ୍ୟାପିକା ପ୍ରମୁଖ ଜିଲ୍ଲାପାଳ ଶ୍ରୀଭରଦ୍ୱାଜଙ୍କୁ ସାକ୍ଷାତ କରି ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଅଧ୍ୟାପକ ଓ ଅଧ୍ୟାପିକାମାନଙ୍କ ଅଭିଯୋଗ ଆଧାରରେ ଅଧ୍ୟକ୍ଷ ଶ୍ରୀଦେ ଶହେ କିମ୍ବା ହଜାରେ ନୁହେଁ, ଲକ୍ଷ ଲକ୍ଷ ଟଙ୍କାର ଦୁର୍ନୀତି କରିଛନ୍ତି । ସମସ୍ତଙ୍କୁ ଚୁନ ଲଗାଇ ଏହି ସମସ୍ତ ଟଙ୍କାକୁ ଚଳୁ କରିଛନ୍ତି ମହାବିଦ୍ୟାଳୟର ଅଧ୍ୟକ୍ଷ। ତାହା ପୁଣି ୟୁଜିସି ପକ୍ଷରୁ ମହାବିଦ୍ୟାଳୟକୁ ଆସିଥିବା ଅନୁଦାନ ସହ ମହାବିଦ୍ୟାଳୟରେ କାର୍ଯ୍ୟରତ ଅଧ୍ୟାପକ, ଅଧ୍ୟାପିକ ଓ କର୍ମଚାରୀମାନଙ୍କ ଏରିଆର ଟଙ୍କା, ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀମାନଙ୍କ ଷ୍ଟାଇପେଣ୍ଡ ଟଙ୍କା ସହ ମହାବିଦ୍ୟାଳୟର ପାଣ୍ଠି ଆଦି। ଏହାକୁ ନେଇ ବିବାଦ ଘେରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଦେ। ଏହି ସମସ୍ତ ଅଭିଯୋଗକୁ ନେଇ ମହାବିଦ୍ୟାଳୟର ଅଧ୍ୟାପକ ସମୀର ରଞ୍ଜନ ନାୟକ ମୁଖ୍ୟମନ୍ତ୍ରୀଙ୍କୁ ନିକଟରେ ଅଭିଯୋଗ କରିଥିଲେ ଏବଂ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ କପ୍ତିପଦା ଉପଜିଲ୍ଲାପାଳ ଭଗବାନ ବେହେରା ଗତ କାଲି ଉଦଳା ଥାନା ଅନ୍ତର୍ଗତ ରାଢ଼ୋ ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟରେ ପହଞ୍ଚିଥିଲେ । ଉପଜିଲ୍ଲାପାଳ ତଦନ୍ତ ଶେଷ କରି ଫେରିବା ସମୟରେ ମହାବିଦ୍ୟାଳୟର ଫାଟକ ସମ୍ମୁଖରେ ତଦନ୍ତ ରିପୋର୍ଟ ସାର୍ବଜନୀନ କରାଯିବା ଦାବିରେ ମହାବିଦ୍ୟାଳୟର ଛାତ୍ର ଓ ଅନ୍ୟ ଜଣେ ସ୍ଥାନୀୟ ବ୍ୟକ୍ତି ଜାତୀୟ ପତକା ଧରି ରାସ୍ତା ଅବରୋଧ କରିବା ସହ ଗାଡ଼ି ସମ୍ମୁଖରେ ଶୋଇ ଧାରଣାରେ ବସିଥିଲେ। ଉକ୍ତ ଘଟଣାରେ ଆଜି ଉଦଳା ଥାନା ଦାୟିତ୍ୱରେ ଥିବା ଖୁଣ୍ଟା ଥାନା ଆଇଆଇସି ସ୍ୱର୍ଣ୍ଣଲତା ମିଞ୍ଜ ଅଧ୍ୟାପକ ମନ୍ମଥ କୁମାର ପଣ୍ଡା(୪୮), ସୁଶାନ୍ତ କୁମାର ମଲ୍ଲିକ(୨୦) ଓ ରଞ୍ଜିତ୍ କୁମାର ବିଶ୍ୱାଳ(୨୪)ଙ୍କୁ ଆଇପିସି ଧାରା ୩୪୧, ୩୪୨, ୩୫୩, ୨୬୮, ୨୬୯, ୨୭୦, ୧୮୬, ୧୮୮ ଓ ୩୪ ସହ ୧୯୮୭ ମହାମାରୀ ଆକ୍ଟ-୩ ଓ ବିପର୍ଯ୍ୟୟ ପରିଚାଳନା ଆକ୍ଟ-୨୦୦୫ ଧାରା ୫୬ରେ (କେଶ ନମ୍ବର ୨୩୯/୨୦୨୦) ଗିରଫ କରି କୋର୍ଟ ଚାଲାଣ କରିଥିବା ସମୟରେ ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକାମାନେ ଥାନାରେ ଦେଇଥିବା ଅଭିଯୋଗ ଉପରେ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରିନାହିଁ। ଅଧିକନ୍ତୁ, ବିଭିନ୍ନ ସମୟରେ ବାହାରର ବ୍ୟକ୍ତି ଓ ମହିଳାମାନଙ୍କୁ ଲଗାଇ ଅଧ୍ୟକ୍ଷ ଶ୍ରୀଦେ ମହାବିଦ୍ୟାଳୟ ପରିସରରେ ଅଧ୍ୟାପକ, ଅଧ୍ୟାପିକାମାନଙ୍କୁ ଧମକଚମକ ଦେବା ସହ ଜଣେ ଅନୁସୂଚିତ ଜନଜାତି ସମ୍ପ୍ରଦାୟର ଅଧ୍ୟାପିକା ମହାବିଦ୍ୟାଳୟକୁ ଆସୁଥିବା ସମୟରେ ରାସ୍ତାରେ ଲୋକ ଲଗାଇ ଜାତିଆଣା ଆକ୍ଷେପ ସହ ଅଶାଳୀନ ଭାଷାରେ ଗାଳିଗୁଲଜ ଓ ଧମକ ଚମକ ଦେଇଥିଲେ। କେବଳ ଏତିକି ନୁହେଁ ଅଧ୍ୟକ୍ଷ ଶ୍ରୀଦେ ତାଙ୍କ ଭାଇ ଓ ପୁଅଙ୍କୁ ମହାବିଦ୍ୟାଳୟରେ ନିଯୁକ୍ତି ପ୍ରଦାନ କରିଛନ୍ତି । ସେମାନେ ମହାବିଦ୍ୟାଳୟକୁ ଆସୁନଥିବା ବେଳେ ପ୍ରତ୍ୟେକ ମାସ ଦରମା ଉଠାଯାଉଛି। ପୁଣି କେତେକ ଅଧ୍ୟାପକଙ୍କ ଅଗୋଚରରେ ସ୍ୱାକ୍ଷରକୁ ନକଲ କରି କରାଯାଇ ଟଙ୍କା ଉଠାଯାଇଛି । ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଦେଙ୍କ ନାମରେ ଏହିପରି ବିଭିନ୍ନ ସଙ୍ଗୀନ ଅଭିଯୋଗ ଆଣି ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକାମାନେ ବାରମ୍ବାର ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଆସୁଥିବା ସମୟରେ ଆଜି ଜିଲ୍ଲାପାଳଙ୍କୁ ଭେଟି ନିଜର ଅଭିଯୋଗ ଜଣାଇଛନ୍ତି। ତେବେ ଏହାର ଶେଷ କେଉଁଠି ତାହାକୁ ନେଇ ଉଠିଛି ପ୍ରଶ୍ନ। ଅଧ୍ୟକ୍ଷ ଓ ଅଧ୍ୟାପକମାନଙ୍କ ମଧ୍ୟରୁ ବଳି ପଡ଼ିବ କିଏ। ଏହି ବିବାଦ ମଧ୍ୟରେ ସତ୍ୟର ଜୟ ହେଉଛି ନା ଅସତ୍ୟର ଜୟ ହେଉଛି , ତାହା କେବଳ ପରବର୍ତି ସମୟ ହିଁ କହିବ।


2024-2025



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

ଖେଳ
ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ
୨୬ ବର୍ଷରେ
Bhubaneswar Wednesday February 28, 2024 ଭୁବନେଶ୍ୱର ବୁଧବାର, ଫେବୃଆରୀ ୨୮,୨୦୨୪ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com 

# ଆଦିବାସୀ ଭବନର ଭୂମିପୂଜନ ଉତ୍ସବ

ବାରିପଦା,(ପି.ଏନ): ସ୍ଥାନୀୟ ଦେବେନ୍ଦ୍ର ପୁର ଥରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଦ୍ୱାରା ନିର୍ମିତ ହେବାକୁ ଥିବା ଆଦିବାସି ଭବନ ର ଭୂମିପୂଜନ ମାନ୍ୟବର ମନ୍ତ୍ରୀ ଶ୍ରଯୁକ୍ତ ସୁଦାମ ମାର୍ଣ୍ଡି ଏବଂ ଅନ୍ୟାନ୍ୟ ଅତିଥି ମାନଙ୍କ ଗହଣରେ ଅନୁଷ୍ଠିତ ହୋଇଯାଇଛି। ଆଦିବାସୀ ମାନଙ୍କ କଳା ସଂସ୍କୃତି ପରମ୍ପରାକୁ ବଞ୍ଚାଇ ରଖିବା ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ସବୁବେଳେ ପ୍ରୟାସ ଜାରି ରଖିଛନ୍ତି। ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଆଦିବାସୀ ମାନଙ୍କ ପାଇଁ ବାଦ୍ୟଯନ୍ତ୍ର ଦେବାଠୁ ଆରମ୍ଭ କରି ଧର୍ମପିଠ ର ସୁରକ୍ଷା ଯାଏଁ ସବୁ ପ୍ରୟାସ ଜାରି ରଖିଛନ୍ତି। ତାର ଅଂଶବିଶେଷ ସ୍ୱରୂପ ଆଦିବାସୀ ମାନଙ୍କ ପାଇଁ ସ୍ୱତନ୍ତ୍ର ଭାବରେ ଗୋଟିଏ ଆଦିବାସୀ ଭବନ ର ପରିକଳ୍ପନା କରାଯାଇ ଆଜି ତାର ଶିଳାନ୍ୟାସ କରାଯାଇଛି। ଆଦିବାସୀ ମାନଙ୍କ ଭ ।ବବିନିମୟ ଠୁ ଆରମ୍ଭ କରି ସାଂସ୍କୃତିକ କାର୍ଯ୍ୟକ୍ରମ ଯାଏଁ ସବୁ କାର୍ଯ୍ୟର ସୁବିଧା ଏଇ ଭବନରେ ରହିବା। ଏପରି ବ୍ୟବସ୍ଥା କେବଳ ଆଦିବାସୀ ମାନଙ୍କ ପାଇଁ କୋଉଠି ବି ନଥିଲା। ତେଣୁ ଏପରି ଭବନର ନିର୍ମାଣ



କୁ ସମସ୍ତ ମହଲ ରେ ସ୍ୱାଗତ କରାଯାଇଛି। ସ୍ୱତନ୍ତ୍ର ଉନ୍ନୟନ ପରିଷଦ ର ଅଧକ୍ଷ ଡ଼ ଦେବାଶିଷ ମାର୍ଣ୍ଡି ଙ୍କ ପୌରହିତ୍ୟ ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ଆଦିବାସୀ ମାନଙ୍କ ପାରମ୍ପରିକ ଶୈଳୀରେ ପୂଜା କରାଯାଇ ଆରମ୍ଭ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଆଦିବାସୀ ଓ ହରିଜନ ସଂଖ୍ୟାଲଘୁ ଉନ୍ନୟନ ବିଭାଗର ଉପଦେଷ୍ଟା ଶ୍ରୀମତୀ ସରୋଜିନୀ ହେମ୍ବ୍ରମ୍, ପୂର୍ବତନ ଉପ ବାଚ୍‌ସ୍ପତି ଶ୍ରୀଯୁକ୍ତ ସାନନ୍ଦ ମାର୍ଣ୍ଡି, ମୋରୋଡା ବିଧାୟକ ଶ୍ରୀଯୁକ୍ତ ରାଜକିଶୋର ଦାସ, ଜିଲ୍ଲା ପରିଷଦ ଅଧକ୍ଷ ଶ୍ରୀମତୀ ଭାରତୀ ହାଁସଦା, ଏମ.ସି.ସି ବ୍ୟାଙ୍କ୍ ର ଅଧକ୍ଷ ଶ୍ରୀ ସବ୍ରମଣିଅମ୍ ମହାନ୍ତି, ଯୋଜନା ବୋର୍ଡ ଏକ୍ସପର୍ଟ ମେମ୍ବର ଜିତେନ୍ଦ୍ର ମହାନ୍ତି, ମ୍ୟୁନିସିପାଲଟି ଚେୟାରମେନ ଶ୍ରୀ କୃଷ୍ଣନନ୍ଦ ମହାନ୍ତି, ପ୍ରକଳ୍ପ ପ୍ରଶାସକ, ସମ୍ମାନିତ ଆଦିବାସୀ ଉନ୍ନୟନ ସଂସ୍ଥା ବାରିପଦା , ଶ୍ରୀ ରାମଚ଼ନ୍ଦ୍ର ସୋରେନଏବଂ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ର ଉପାଧକ୍ଷ। ଶ୍ରୀମତୀ କମଳା ତିରୀୟା ଏବଂ ଅନ୍ୟାନ୍ୟ ସଭ୍ୟ ଏବଂ ସଭ୍ୟା ମାନେ ଉପସ୍ଥିତ ଥିଲେ। ଶହ ଶହ ଆଦିବାସୀ ଭାଇ ଭଉଣୀ ଉପସ୍ଥିତ ରହି କାର୍ଯ୍ୟକ୍ରମ କୁ ସଫଳ କରିବାରେ ସାହାଯ୍ୟ କରିଥିଲେ। ପାଖାପାଖି ଚ଼ାରି କୋଟି ଟଙ୍କା ବିନିମୟରେ ନିର୍ମିତ ହେବାକୁ ଥିବା ଏହି ଭବନ ଆଦିବାସୀ ମାନଙ୍କ ଧର୍ମବିଶ୍ୱ ।ସ୍‌କୁ ବଞ୍ଚେଇ ରଖିବା ସାଙ୍ଗେ ସଙ୍ଗେ ଆଦିବାସୀ ମାନଙ୍କ ଏକତା ବଞ୍ଚାଇ ରଖିବା ବୋଲି ମତ ପ୍ରକାଶ ପାଇଛି।

# ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା କ୍ରୀଡା ଭିତ୍ତିଭୂମି ସମୂହର ଉଦଘାଟନୀ ଅବସରରେ ପାରାଦୀପରେ କ୍ରିକେଟ ଏକାଡେମୀ ଲୋକାର୍ପିତ



ପାରାଦୀପ,(ପି.ଏନ): କ୍ରୀଡା ଭିତ୍ତିଭୂମି ର ବିକାଶ ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟନାୟକ ଙ୍କ ଦ୍ୱାରା ଭିଡିଓ କନଫରେନସିଂ ମାଧମରେ ମଙ୍ଗଳବାର ଅପରାହ୍ନ ରେ ୩୦ ଟି ଜିଲ୍ଲାରେ ୪୧ ଟି କ୍ରିକେଟ ଏକାଡେମୀ ଉଦଘାଟିତ ହୋଇଯାଇଛି ।ଏହି ପରିପ୍ରେକ୍ଷୀରେ ପାରାଦୀପ ବନ୍ଦର ର ଗୋପପାବନ୍ଧୁ ଷ୍ଟାଡିୟମ ଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମ ରେ ଯୋଗଦେଇ ପାରାଦୀପ ବନ୍ଦର ଉପାଧକ୍ଷ ନୀଳାଭ୍ର ଦାସଗୁପ୍ତା ପାରାଦୀପ କ୍ରିକେଟ ଏକାଡେମୀ କୁ ଉଦଘାଟନ କରିଥିଲେ । ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ପାରାଦୀପ ପୌରାଧକ୍ଷ ବସନ୍ତ ବିଶ୍ୱାଳ, ପାରାଦୀପ ବନ୍ଦର କ୍ରୀଡା ପରିଷଦର ସଭାପତି ଡି.ଏନ.ସୋନ୍ଧି, କାର୍ଯ୍ୟକାରୀ ସଭାପତି ଦୁର୍ଗା ପ୍ରସାଦ ସେଠୀ, ସମ୍ପାଦକ ରଞ୍ଜନ ରଶ୍ମି ବେଉରା, ଓଡିଶା କ୍ରିକେଟ ଆସୋସିଏସନ ର ସଦସ୍ୟ ରବି ଦାସ ଙ୍କ ସମେତ ନୂତନ ଏକାଡେମୀ ର ବହୁ କ୍ରୀଡ଼ାବିତ ମାନେ ଉପସ୍ଥିତ ଥିଲେ ।

# ଗଠନ ହେଲା ଶିଶୁ ଅନନ୍ତ ପ୍ରେସ କ୍ଲବ



ଭୁବନେଶ୍ୱର,(ପି.ଏନ): ଜୟଦେବ ଅଂଚ଼ଳ ତଥା ବାଲିପାଟଣା ଓ ବାଲିଅନ୍ତାରେ କାର୍ଯ୍ୟରତ ବ୍ଲକ ସ୍ତରୀୟ ସାମ୍ବାଦିକ ମାନଙ୍କୁ ନେଇ ନୂତନ ଭାବେ ଗଠିତ ହୋଇଛି ଶିଶୁ ଅନନ୍ତ ପ୍ରେସ କ୍ଲବ। ସ୍ଥାନୀୟ ସରଦେଇପୁର ଡ଼ାକବଙ୍ଗଳାରେ ସାମ୍ବାଦିକ ମାନଙ୍କ ମଧ୍ୟରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା । ବିଦ୍ୟାଭୂଷଣ ଭୋଳଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ସମ୍ପ୍ରତି ସମୟରେ ସମ୍ବାଦିକତା କ୍ଷେତ୍ରରେ ବୃତ୍ତିଗତ ସମସ୍ୟା , ସାମ୍ବାଦିକ ମାନଙ୍କ ଉପରେ ହେଉଥିବା ଆକ୍ରମଣ , ଅଣଦେଖା, ଦୁର୍ବ୍ୟବହାର ଯାହାକି ଅଂଚ଼ଳରେ କାର୍ଯ୍ୟରତ ସାମ୍ବାଦିକ ମାନଙ୍କ ସମ୍ମାନ ଓ ପ୍ରତିଷ୍ଠା ଉପରେ ଆଞ୍ଚ ଆଣୁଛି ସେ ବିଷୟରେ ଆଲୋଚ଼ନା କରାଯାଇଥିଲା ।ଏହାକୁ ପ୍ରତିହତ କରିବା ସହ ସାମ୍ବାଦିକ ମାନଙ୍କ ସମସ୍ୟା ସମାଧାନ ଓ ଅଂଚ଼ଳର ବିଭିନ୍ନ ମୌଳିକ ସମସ୍ୟା ଦୂରୀକରଣ କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା । ଏହି ଅନୁଷ୍ଠାନର ଉପଦେଷ୍ଟା ଭାବେ ବରିଷ୍ଠ ଶିକ୍ଷାବିତ ବିଦୁଭୂଷଣ ପଟ୍ଟନାୟକ, ନାରାୟଣ ବେହେରା, ଦିବାକର ଷଡ଼ଙ୍ଗୀ , ଦ୍ୱିତୀ କୃଷ୍ଣ ପଟ୍ଟନାୟକ,ଦିନବନ୍ଧୁ ଭୋଇଙ୍କୁ ସଦସ୍ୟ ମାନେ ଉତ୍ତରୀୟ ଦେଇ ସମ୍ମାନିତ କରିଥିଲେ। ବିଶେଷ କରି ସାମ୍ବାଦିକତା ବୃତ୍ତିରେ ସଂସ୍କାର ଆଣିବା ପାଇଁ ସଂଘ ଅଧିକ ଗୁରୁତ୍ୱ ଦେବ ବୋଲି ଉପଦେଷ୍ଟା ମାନେ ନିଜ ନିଜର ମତ ପ୍ରଦାନ କରିଛନ୍ତି। ଆଗାମୀ ଦିନରେ ଶିଶୁମଠ ଠାରେ ଏକ ବୈଠକ ଆୟୋଜନ କରାଯାଇ ଆଉ କିଛି ଉପଦେଷ୍ଟା, ସଦସ୍ୟଙ୍କୁ ପ୍ରେସ କ୍ଲବ ସହିତ ଯୋଡାଯାଇ କ୍ଲବର ବିଭିନ୍ନ ପଦପଦବୀ ଘୋଷଣା କରାଯିବ ବୋଲି ସଂଘର ସଦସ୍ୟ ମାନେ ମତ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ କ୍ଲବର ପ୍ରାଥମିକ ସଦସ୍ୟଭାବେ ବିଦ୍ୟାଭୂଷଣ ଭୋଳ , ଆଶୁତୋଷ ଚୌଧୁରୀ, ପ୍ରଳୟ କୁମାର ଦାସ , ପ୍ରକାଶ ବାରିକ , କିଶୋର ଭୋଇ, ଗୁରୁ ପ୍ରସାଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ପାରାଦୀପ ମହାବିଦ୍ୟାଳୟ ଇତିହାସ ବିଭାଗ ପକ୍ଷରୁ 'ବିଭାଜନର ପୃଷ୍ଠଭୂମି' ଶୀର୍ଷକ ଆଲୋଚ଼ନାଚ଼କ୍ର

ପାରାଦୀପ,(ପି.ଏନ): ପାରାଦୀପ ମହାବିଦ୍ୟାଳୟ ଇତିହାସ ବିଭାଗ ପକ୍ଷରୁ 'ଭାରତ ବିଭାଜନର ପୃଷ୍ଠଭୂମି' ଶୀର୍ଷକ ଉପରେ ଏକ ଆଲୋଚ଼ନାଚ଼କ୍ର ମଙ୍ଗଳବାର ଦିନ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ର ଇତିହାସ ବିଭାଗ ର ଅବସରପ୍ରାପ୍ତ ପ୍ରାଧ୍ୟାପକ ତପନ କୁମାର ପତି ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଭାରତ ବିଭାଜନର ପୃଷ୍ଠଭୂମି ଉପରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ପାରାଦୀପ ମହାବିଦ୍ୟାଳୟ ର ଅଧକ୍ଷା ଡ଼ଃ. ସସ୍ମିତା ଶତପଥି ପୌରହିତ୍ୟ କରି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଇତିହାସ ବିଭାଗର ମୁଖ୍ୟ ଅଧ୍ୟାପକ ଲେଫ୍ଟନାଣ୍ଟ କମାଣ୍ଡର ଅକ୍ଷୟ ଚ଼ନ୍ଦ୍ର ମିଶ୍ର ଅତିଥି ପରିଚ଼ୟ ପ୍ରଦାନ କରିଥିବା ବେଳେ ଅଧ୍ୟାପିକା ସଂଘମିତ୍ରା ପ୍ରଧାନ ବିଷୟବସ୍ତୁ ଉପରେ ସୂଚ଼ନା ପ୍ରଦାନ କରିଥିଲେ । ଇତିହାସ ବିଭାଗର ଯୁକ୍ତ ୩ ତୃତୀୟ ବର୍ଷ ଛାତ୍ରୀ ପୂଜାରିଣୀ ନାୟକ ଏହି ବିଷୟବସ୍ତୁ ଉପରେ ଏକ ନିବନ୍ଧ ପାଠ କରିଥିଲେ ।

# ରାଜ୍ୟ ଓ କେନ୍ଦ୍ର ସରକାର କେନ୍ଦ୍ରାପଡାର ବିକାଶପ୍ରତି ସମ୍ପୂର୍ଣ୍ଣ ଉଦାସୀନ:କଂଗ୍ରେସ



କେନ୍ଦ୍ରାପଡା,(ପି.ଏନ): କେନ୍ଦ୍ରାପଡା ବ୍ଲକ ଓ ନଗର କଂଗ୍ରେସ ତରଫରୁ କେନ୍ଦ୍ରାପଡା ପ୍ରତି ଅବହେଳା ପ୍ରତିବାଦରେ "ମାଟି ପାଇଁ ଜେଲ ଚ଼ାଲ" ଆନ୍ଦୋଳନ କରାଯାଇଥିଲା । କେନ୍ଦ୍ରାପଡାରେ ମେଡିକାଲ କଲେଜ ପ୍ରତିଷ୍ଠା, ମୁନିସିପାଲଟିରେ ସିଟି ହସପିଟାଲ ପ୍ରତିଷ୍ଠା, କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଓ କେନ୍ଦ୍ରାପଡାକୁ ରେଳ ସେବା ଯୋଗାଇଦେବା କ୍ଷେତ୍ରରେ ରାଜ୍ୟ ବିଜେଡି ସରକାର ଓ କେନ୍ଦ୍ର ବିଜେପି ସରକାରର ଉଦାସୀନତା ଅତ୍ୟନ୍ତ ଦୁର୍ଭାଗ୍ୟ ଜନକ । ରାଜ୍ୟ ସେକାର ଇତି ମଧ୍ୟରେ ୧୫ଗୋଟି ମେଡିକାଲ କଲେଜ ପ୍ରତିଷ୍ଠା କରିଥିଲେ ମଧ୍ୟ କେନ୍ଦ୍ରାପଡାକୁ ଅଣଦେଖା କରି ଚ଼ାଲିଛନ୍ତି । ଜିଲ୍ଲା ସଦର ମହକୁମାର ଚ଼ିକିତ୍ସାଳୟ ଗତ ୨୦୨୩ ଜାନୁୟାରୀରେ ମିନିସିପାଲଟି ବାହାରକୁ ସ୍ଥାନାନ୍ତରିତ ହେତୁ ପୌରବାସୀ ତଥା ପଡୋଶୀ କେନ୍ଦ୍ରାପଡା ଓ ଡେରାବିଶର ପ୍ରାୟ ୧ଲକ୍ଷ ଲୋକ ଚ଼ିକିତ୍ସା ସୁବିଧାରୁ ବଞ୍ଚ଼ିତ ହୋଇଛନ୍ତି । ଏଥି ନିମନ୍ତେ ଦୀର୍ଘ ୫୪ଦିନ ବ୍ୟାପି କେନ୍ଦ୍ରାପଡା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ରିଲେ ଗଣ ଧାରଣା ଦିଆଯାଇଥିଲା । ମୁଖ୍ୟ ଚ଼ିକିତ୍ସାଳୟ ସ୍ଥାନରେ ଅର୍ବନ ସିଏଚ଼ସି ବା ସିଟି ହସପିଟାଲ ପ୍ରତିଷ୍ଠା ପାଇଁ ଦାବିକୁ ସରକାର ଉପେକ୍ଷା କରି ଚ଼ାଲିଛନ୍ତି । ଏଥି ସହ କେନ୍ଦ୍ରପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ରାଜ୍ୟର ସର୍ବ ବୃହତ ମହାବିଦ୍ୟାଳୟ ହୋଇଥିଲେ ହେଁ ଛାତ୍ର, ଶିକ୍ଷକ ଓ ଅଭିଭାବକ ମିଳିତ ଦାବି ସତ୍ତ୍ୱେ ସରକାର ଏହାକୁ ବିଶ୍ୱବିଦ୍ୟାଳୟରେ ମାନ୍ୟତା ଦେଉନାହାନ୍ତି । ରାଜ୍ୟର କେତେକ ମହାବିଦ୍ୟାଳୟର ଆକାର ଓ ଉତ୍କୃଷ୍ଟତା ଦୃଷ୍ଟିରୁ ପଛରେ ଥାଇ ମଧ୍ୟ ବିଶ୍ୱବିଦ୍ୟାଳୟ ମାନ୍ୟତା ପାଇସାରିଛନ୍ତି । କିନ୍ତୁ କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ଉପରେ ମୁଖ୍ୟମନ୍ତ୍ରୀଙ୍କ ଶୁଭ ଦୃଷ୍ଟି ପଡିପାରୁନାହିଁ । ସୁତରାଂ କଂଗ୍ରେସ ଗଣେଶ୍ୱର ବେହେରାଙ୍କ ନେତୃତ୍ୱରେ କେନ୍ଦ୍ରାପଡା ବିଧାନ ସଭା ନିର୍ବାଚ଼ନ ମଣ୍ଡଳୀ ତଥା ଜିଲ୍ଲାର ଏହି ଦାବି ଗୁଡିକୁ ନେଇ "ମାଟି ପାଇଁ ପାଟି ଖୋଲ", "ମାଟି ପାଇଁ ମାଡି ଚ଼ାଲ" ଆନ୍ଦୋଳନ କରି ବିଫଳ ହେବାରୁ "ମାଟି ପାଇଁ ଜେଲ ଚ଼ାଲ" ଆନ୍ଦୋଳନ ନିଷ୍ପତ୍ତି ନେଇଥିଲା । ଶାସକ ଦଳର ଲୋକପ୍ରତିନିଧିମାନେ ଏ ସମ୍ପର୍କରେ ନୀରବ ରହୁଥିବା ଦୃଷ୍ଟିରୁ ସରକାର ଦାବି ଗୁଡିକୁ ବିଚ଼ାରକୁ ନେଉନାହାଁନ୍ତି । ଯାହା ଅତ୍ୟନ୍ତ କ୍ଷୋଭର ବିଷୟ । ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା ପୌରହିତ୍ୟ କରି କହିଥିଲେ ଯେ, ସେ ଏବଂ କଂଗ୍ରେସ ଦଳ କେନ୍ଦ୍ରାପଡାର ବିକାଶ ପାଇଁ ପ୍ରତିଶ୍ରୁତିବଦ୍ଧ । ଦାବି ପୂରଣ ପର୍ଯ୍ୟନ୍ତ ସଂଗ୍ରାମ ଜାରି ରହିବ ବୋଲି ଚେତାବନୀ ଦେଇଥିଲେ । କେନ୍ଦ୍ରାପଡା ବାସୀଙ୍କୁ ପ୍ରତିଶ୍ରୁତି ଦେଇ ଶ୍ରୀ ବେହେରା କହିଥିଲେ ଯେ "ମୋତେ ବିଧାନସଭା ପଠାନ୍ତୁ, ବିଧାନ ସଭାରୁ କେନ୍ଦ୍ରାପଡାର ସ୍ୱର ଶୁଣନ୍ତୁ" । "ମାଟି ପାଇଁ ଜେଲ ଚ଼ାଲ" ଆନ୍ଦୋଳନ ଉପଲକ୍ଷେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆୟୋଜିତ ସଭାରେ ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମା, ପୂର୍ବତନ ବିଧାୟକ ଚ଼ିନ୍ମୟ ପ୍ରସାଦ ବେଉରା, ଜିଲ୍ଲା କଂଗ୍ରେସ ସଭାପତି ଲୋକାନାଥ ମହାରଥୀ, ବରିଷ୍ଠ କଂଗ୍ରେସ ନେତା ରତିକାନ୍ତ କାନୁନଗୋ, ଯୁବ ନେତା ତଥା ଯୁବ ଇଂ ସିଦ୍ଧାର୍ଥ ସ୍ୱରୁପ ଦାସ, ବ୍ଲକ କଂଗ୍ରେସ ସଭାପତି ଚ଼ିତ୍ରସେନ ପରିଡା, ନଗର କଂଗ୍ରେସ ସଭାପତି ରାଜେଶ ମହାନ୍ତି, ପୂର୍ବତନ ନଗରପାଳ ଆକବର ଅଲ୍ଲୀ, ପୂର୍ବତନ ପିସିସି ସମ୍ପାଦକ ମୁକ୍ତାର ଖାଁ, ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ପରଭେଜ ଅକ୍ତର, ଜିଲ୍ଲା କିଷାନ କଂଗ୍ରେସ ସଭାପତି ନାରାୟଣ ଚ଼ନ୍ଦ୍ର ପରିଡା, ଜିଲ୍ଲା ଓବିସି କଂଗ୍ରେସ ସଭାପତି ମଳୟ ଦାସ, ପୂର୍ବତନ ସରପଞ୍ଚ ପ୍ରଦ୍ୟୁମ୍ନ ଜେନା, ଡିସିସି ସାଧାରଣ ସମ୍ପାଦକ ଅଭିସେକ ବିଶ୍ୱାଳ ଓ ଯୁବ କଂଗ୍ରେସ ସଭାପତି ରତିକାନ୍ତ ସାମଲ ଭାଷଣ ଦେଇ କେନ୍ଦ୍ରାପଡାର ଅବିଚ଼ାର ଅନ୍ତ ଘଟାଇବା ନିମନ୍ତେ ଆଗାମୀ ବିଧାନସଭା ନିର୍ବାଚ଼ନରେ ଗଣେଶ୍ୱର ବେହେରାଙ୍କୁ ବିଧାନସଭାକୁ ନିର୍ବାଚ଼ିତ କରିବାକୁ ଆହ୍ୱାନ ଦେଇଥିଲେ । କାର୍ଯ୍ୟକ୍ରର ଶେଷରେ ଶହଶହ କଂଗ୍ରେସ କର୍ମୀ ଜେଲ ଭରୋ ଆନ୍ଦୋଳନରେ ସାମିଲ ହୋଇ ପୋଲିସ ସହ ଧସ୍ତାଧସ୍ତି ହେବାରୁ ପୋଲିସ ଆଇନ ଅମାନ୍ୟ ଆନ୍ଦୋଳନରେ ସମସ୍ତଙ୍କୁ ଗିରଫ କରାଗଲା ବୋଲି ଘୋଷଣା କରିଥିଲା ଓ ଶତାଧିକ କର୍ମୀଙ୍କୁ ଗିରଫ କରି ପୋଲିସ ଭ୍ୟାନରେ ଏସପି କାର୍ଯ୍ୟାଳୟକୁ ନେଇଯାଇଥିଲେ ।




Printed & Published by Budhadev Mohapatra on behaöf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Puböished at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray